## ଅଦିନିଆ ବର୍ଷା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ

# ପୋଲ ଉପରେ ୨ ଫୁଟର ପାଣି

ଡେରଙ୍ଗ, ୧୯ ।୩(ସମିସ): କଣିହାଁ ବ୍ଲକ କଣିହାଁ ପଞ୍ଚାୟତ ଅଧୀନ ମସୁଣୀହତା ଗ୍ରାମ ଦେଇ ଡେରଙ୍ଗକୁ ଯାଉଥିବା ପୋଲ ଉପରେ ଅଦିନିଆ ବର୍ଷାରେ ୨ ଫୁଟ ଉଚ୍ଚର ପାଣି ଦେଖିବାକୁ ମିଳିଛି। ପୋଲଟି ଅଣଓସାରିଆ ଥିବା ଯୋଗୁଁ ଲୋକମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଲଟି ଉପରେ ଡେରଙ୍ଗ ପଞ୍ଚାୟତ, କାକୁଡ଼ିଆ ପଞ୍ଚାୟତ, ଜେଆଇଟିପିଏଲ କମ୍ପାନୀ, ଏନଟିପିସି ଆସପଣ୍ଡ, ବିଭିନ୍ନ ପ୍ରକାର ଗାଡ଼ି ଓ ଲୋକମାନେ ଯାତାୟାତ କରନ୍ତି। ଏହି ଅଦିନିଆ ବର୍ଷାରେ ପୋଲ ଉପରେ ୨ଫୁଟ ପାଣି ଦେଖି ଲୋକମାନେ ନାପସନ୍ଦ କରିଛନ୍ତି। ସାଧାରଣରେ ଚର୍ଚ୍ଚା ହେଉଛି ଯେ, କଣିହାଁ ଅଞ୍ଚଳରେ ରାଷ୍ଟ୍ରାୟତ ଉଦ୍ୟୋଗ ଥିବା ବେଳେ ଏହି ପୋଲ ଉପରେ କାହାରି ନଜର ପଡୁନାହିଁ।



ଏହି ବାଟ ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ମୋଟର, ପଥଚାରୀ ଯାତାୟାତ କରୁଛନ୍ତି। କିନ୍ତୁ ବଡ଼ ଦୁର୍ଭାଗ୍ୟର ବିଷୟ ଅଦିନିଆ ବର୍ଷାରେ ପୋଲଟି ଉପରେ ପାଣି ଜମିରହିଥିବା ଯୋଗୁଁ ଲୋକମାନେ କଣିହାଁ ବ୍ଲକ ଅଫିସ, ତହସିଲ ଅଫିସ, କଣିହାଁ ମେଡିକାଲ, କଣିହାଁ କଲେଜ, ସ୍କୁଲ, କଣିହାଁ ଥାନା ଅଫିସ, କୃଷି ଅଫିସ, ଏନଟିପିସି ପ୍ଲାଣ୍ଟ ଆଦି କାର୍ଯ୍ୟକୁ ଯିବା ଆସିବାରେ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଦିନିଆରେ ବର୍ଷାରେ ଯଦି ଏତେ ଅସୁବିଧା ହେଉଛି। ଏଥିରୁ ଜଣାପଡୁଛି ବର୍ଷାଦିନେ ଲୋକମାନେ ଯାତାୟାତ ବେଳେ କେତେ ଅସୁବିଧାର ସମ୍ମୁଖୀନ ହେଉଥିବେ। ତୁରନ୍ତ ପ୍ରଶାସନ ପକ୍ଷରୁ ନ୍ଇେ ପଦକ୍ଷେପ ଗ୍ରହଣ କରିବା ଲାଗି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ମଦ ଜବତ, ୨ ଗିରଫ

ବଇଣ୍ଡା, ୧୯ ।୩(ସମିସ): ହଣ୍ଡପା ପୁଲିସ ଘନପୁର ଅଞ୍ଚଳରେ ଚଢ଼ଉ କରି ଜଣେ ମହିଳାଙ୍କ ଘରୁ ୧୩ ଲିଟର ଚୋରା ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଛି। ସେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବର ପାଇଁ ହଣ୍ଡପା ପୁଲିସ ଚଢ଼ଉ କରିଥିଲା। ଏ ନେଇ ନମ୍ବର ୧୧୮/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି କିଶୋରନଗର ପୁଲିସ ଆମ୍ବପାଳ ଅଞ୍ଚଳରେ ଚଢ଼ଉ କରି ପଦ୍ମପୁର ଗ୍ରାମର ତପନ ସ୍ୱାଇଁଙ୍କ ଠାରୁ ୧୩ ଲିଟର ଚୋରା ପାଉଚ ମଦ ଜବତ କରିଛି। ସେ ଆମ୍ବପାଳ ଅଞ୍ଚଳରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇଁ କିଶୋରନଗର ପୁଲିସ ଚଢ଼ଉ କରିଥିଲା। ଏ ନେଇ ୬୬/୨୪ ରେ ଏକ ମାମଲା ରୁଜୁ କରିଛି।

### ● ସ୍ୱାମୀ ଚାଲିଯିବା ପରେ ପୋଡ଼ିଗଲା ଘର

## ଦୁଇ ଛୁଆଙ୍କୁ ଧରି ଅସହାୟ ମା’ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୁଇଓ, ୧୯ ।୩(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଲପଲୋଇ ଗ୍ରାମର ତୁଳସୀ ପିଙ୍ଗୁଆ ଦୁଇ ଝିଅଙ୍କୁ ଧରି ସୋମବାର ଜିଲ୍ଲାପାଳ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସେଥିରୁ ଗୋଟିଏ ଝିଅ ଆଦିତା ପିଙ୍ଗୁଆ (୭) ମୂକ ଓ ବଧିର ଅଟେ। ଦୁଇବର୍ଷ ତଳେ

**ସରକାରୀ ସହାୟତା ଲାଗି ନିବେଦନ**



ତୁଳସୀଙ୍କ ସ୍ୱାମୀ ସେଲାଏ ପିଙ୍ଗୁଆଙ୍କ ମୃତ୍ୟୁ ହୋଇଥିଲା। ପରିବାରକୁ ଆବାସ ଘର, ବିଧବା ଭତ୍ତା ଓ ରେସନ୍ କାର୍ଡ ମିଳିନାହିଁ। ତୁଳସୀ ମୂଲ ମଜୁରୀ କରି ପରିବାର ଚଳାଉଛନ୍ତି। ଦୁଃଖର ବିଷୟ ଏକବର୍ଷ ହେଲାଣି ଅଗ୍ନିକାଣ୍ଡରେ ବାସଗୃହ ସମ୍ପୂର୍ଣ୍ଣ ପୋଡ଼ିଯାଇ ନଷ୍ଟ ହୋଇଯାଇଛି। ଆଧାରକାର୍ଡ ଭୋଟର କାର୍ଡ ପୋଡ଼ିଯାଇଥିବାରୁ କୋଣସି ସାର୍ଟିଫିକେଟ ବାହାରିପାରୁନାହିଁ। ଗାଁ ଛାଡ଼ି ଏବେ ଅନୁଗୋଳ ମଦନମୋହନ ପଡ଼ାରେ କାମକରି ସେ ପେଟପାଟଣା କଥା ବୁଝୁଛନ୍ତି। ତେଣୁ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିବା ମା’ ଓ ଦୁଇ ଛୁଆଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ସେମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ନିବେଦନ କରିଛନ୍ତି।

## ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

ବଇଣ୍ଡା, ୧୯ ।୩(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା କରଡ଼ାବାହାଳି ଗ୍ରାମର ନିର୍ମଳ ନାୟକଙ୍କୁ ସେହି ଗ୍ରାମର ଗଜେନ୍ଦ୍ର ନାୟକ, ବନ ନାୟକ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ନିର୍ମଳଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୬୫/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ନିର୍ମଳ ଓ ଗଜେନ୍ଦ୍ରଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗିରହିଥିଲା। ଏହାକୁ କେନ୍ଦ୍ରକରି ସେ ଘରେ ଏକୁଟିଆ ଥିବା ବେଳେ ତାଙ୍କୁ ଗଜେନ୍ଦ୍ର ଓ ବନ ମିଶି ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପଟରେ ଗଜେନ୍ଦ୍ର ଏ ନେଇ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସେ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ନିର୍ମଳ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ନେଇ ପୁଲିସ ନମ୍ବର ୬୬/୨୪ ରେ ଏକ ମାମଲା ରୁଜୁ କରାଯାଇଛି।

## ହ୍ରାସ ପାଉଛି ଭୂତଳ ଜଳସ୍ତର; ଶୁଖିଲାଣି ପୋଖରୀ ଓ ନଦୀ ନାଳ

ତାଳଚେର ସଦର, ୧୯ ।୩(ସମିସ): ତାଳଚେର ଅଞ୍ଚଳରେ ଦିନକୁ ଦିନ ଭୂତଳ ଜଳ କମିବାରେ ଲାଗିଛି। ବିଭିନ୍ନ କଳ କାରଖାନା ଗଢ଼ି ଉଠିଥିବାରୁ ଏଠାରୁ ଭୂଗର୍ଭ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ବିଭିନ୍ନ ସରକାରୀ ଓ ବେସରକାରୀ ଜଳାଶୟ ଖାଲ ଖମାକୁ ପୋତାଯାଇ ଗଢି ଉଠୁଛି ଶହ ଶହ ବିରାଟ ଅଟ୍ଟାଳିକା। ଏହି ସବୁ ଜାଗାମାନଙ୍କରେ ବୋରୱେଲ ଖନନ ଓ ପୋଖରିଆ ଖଣି ଯୋଗୁଁ ଧୀରେ ଧୀରେ ଭୂତଳ ଜଳ କମିବାରେ ଲାଗୁଛି। ପୂର୍ବେ ତାଳଚେର ସହର ଦେଇ ବୋହି ଯାଉଥିବା ଚିରୋସ୍ରୋତା ବ୍ରାହ୍ମଣୀ ନଦୀ, ବିଭିନ୍ନ ଜଳାଶ୍ରୟ ଓ ପୋଖରୀରୁ ମଧ୍ୟରୁ ପାଣି ପିଇ ଲୋକ ଆନନ୍ଦରେ ସୁସ୍ଥ ଜୀବନ ଅତିବାହିତ କରୁଥିଲେ। ମାତ୍ର ଏବେ ତାଳଚେରରେ ଭୂଗର୍ଭ କୋଇଲା ଖଣି ସମେତ ଖୋଲାମୁହଁ ପୋଖରୀଆ ଏକାଧିକ ଗଭୀର କୋଇଲା ଖଣି ଗଢ଼ି ଉଠିଥିବାରୁ ଦିନକୁ ଦିନ ଜଳସ୍ତର ହ୍ରାସ ହେବାକୁ ଲାଗିଛି। ଏହି କୋଇଲାକୁ ନଜରରେ ରଖି ଏଠାରେ ଛୋଟବଡ଼ କଳ କାରଖାନା ସମେତ ଏପସିଆଇ, ଏନଟିପିସି / ଟିଟିପିଏସ୍ ଭଳି ରାଷ୍ଟ୍ରାୟ ଉଦ୍ୟୋଗ ମୁଣ୍ଡ ଟେକିଥିବାରୁ ସିଂହଭାଗ ନଦୀ ଜଳକୁ ଶୋଷି ନେଇଥାନ୍ତି। ଫଳରେ ଅଞ୍ଚଳବାସୀ ବର୍ଷା ୪ ମାସକୁ ଛାଡ଼ିଦେଲ ବାକି ୮ ମାସ ଉତ୍କଟ ଜଳସଙ୍କଟର ସାମ୍ନା କରିଥାନ୍ତି। ଏତିକି ନୁହେଁ, ଆନ୍ତର୍ଜାତିକ ସ୍ତରରେ ଉର୍ଜା କ୍ଷେତ୍ରରେ କୋଇଲାର ଚାହିଦା ଦିନକୁ ଦିନ ବଢ଼ି ଚାଲିଛି, ଯଦ୍ୱାରା ତାଳଚେର ମଧ୍ୟରେ କୋଇଲା ଖଣି ବଢ଼ିଚାଲିଛି। ଏମସିଏଲ ଖଣି କର୍ତ୍ତୃପକ୍ଷ ଲାଭଖୋର ଉଦ୍ଦେଶ୍ୟରେ ସରକାରଙ୍କ ଖଣିଖନନ ନିୟମ ଉଲ୍ଲଙ୍ଘନ କରି କୁଆଁରୀ ଗୁଡ଼ିକ



ଆବଶ୍ୟକତା ଠାରୁ ଅଧିକ ଗହିରିଆ କରି କୋଇଲା ଉତ୍ତୋଳନ କରି ନେଉଛନ୍ତି। ଖଣିରୁ କୋଇଲା ଉତ୍ତୋଳନ ପରେ ଏହି କୃତ୍ରିମ ଖାଲ ଗୁଡ଼ିକରେ ମାଟି ଭର୍ତ୍ତିକରି ସମତଳ କରିବା ପରିବର୍ତ୍ତେ ତାଳଚେର ଆଖପାଖରେ ଥିବା କଳ କାରଖାନାରୁ ନିର୍ଗତ କେମିକାଲ ଯୁକ୍ତ ପାଉଁଶ ଭର୍ତ୍ତି କରିଦିଆଯାଉଛି। ଏହି ସବୁ କାରଣରୁ ଦିନକୁ ଦିନ ଭୂତଳ ଜଳ କମିବାରେ ଲାଗିଛି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

## ଫଗୁଣ କବିତା ଆସର ଓ ବନ୍ଧୁମିଳନ




ତାଳଚେର, ୧୯ ।୩(ସମିସ): ତାଳଚେରର ପୁରାତନ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ବିଷୁବ ମିଳନ କମିଟିର ଫଗୁଣ କବିତା ଆସର ତଥା ବନ୍ଧୁମିଳନ ନବ ମିଶ୍ର କଲୋନୀ ସ୍ଥିତ ଗାୟତ୍ରୀ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଭକ୍ତି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ବେଦମନ୍ତ୍ର ପାଠରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ ତାଳଚେର କଲେଜର ପୂର୍ବତନ ଅଧକ୍ଷ ଡ. ବିନୟ ଖିଲାର ଯୋଗଦେଇ ସ୍ୱାଭିମାନୀ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଉପରେ ଆଲୋକପାତ କରି ବିଭିନ୍ନ କାଳଜୟୀ ଲେଖକଙ୍କ କୃତୀ ଉପରେ ଗଭୀର ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସୋଭାଗିନୀ ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଶିଷ୍ଟ ଲେଖିକା ସ୍ନିଗ୍ଧା ନାୟକ ଯୋଗାଦେଇ ପୁରାତନ ସାହିତ୍ୟ ଓ ସଂସ୍କୃତିକ ଅନୁଷ୍ଠାନ ବିଷୁବ ମିଳନ କମିଟିର ବିଭିନ୍ନ କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟ ପାଇଁ ତ୍ୟାଗ ଏବଂ ସମର୍ପଣ କରିଥିବା ମନିଷିଙ୍କୁ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବରେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟର ପ୍ରାଧାପକ ତ୍ରିନାଥ ସାହୁ ଯୋଗଦେଇଥିଲେ। ବିଷୁବ ମିଳନ କମିଟିର ଅଧକ୍ଷ ଜିତେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠକ ଜେବିଆର ୟୁଥ୍ ଫାଉଣ୍ଡେସନର ଅଧକ୍ଷ ଜଗନ୍ନାଥ ପ୍ରଧାନଙ୍କୁ ସମାଜସେବା ପାଇଁ ବିଷୁବ ସମ୍ମାନରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାହିତ୍ୟ ଜଗତରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ନିଗ୍ଧା ନାୟକ, ବିଣାପାଣୀ ସାହୁ, ଝରଣା ବାରିକ, ଋଷଭ ମାଝି ଏବଂ ପ୍ରଣବ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଧୀରା ଦାସ ଆକର୍ଷଣୀୟ ପ୍ରବଚନ ପ୍ରଦାନ କରିଥିବା ଯୋଗୁଁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ, ପ୍ରଧାପିକା କଳ୍ପନା ବୋଇତି, ଅନୁପମା ପ୍ରଧାନ, ଉମେଶ ମିଶ୍ର, ସସ୍ମିତା ମିଶ୍ର, ଜାନକୀ ଶତପଥି ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ।

## ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଦିଆଯିବ ଧନ୍ଦାମୂଳକ ଶିକ୍ଷା



କଣିହାଁ, ୧୯ ।୩(ସମିସ): ରାଜ୍ୟରେ ସରକାର ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଧନ୍ଦାମୂଳକ ଶିକ୍ଷା ଦେବାର ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏନେଇ ଶିକ୍ଷକମାନଙ୍କୁ ପ୍ରଥମେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବେହେରା ଧନ୍ଦାମୂଳକ ଶିକ୍ଷାର ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ନେବା ପାଇଁ ମଧ୍ୟପ୍ରଦେଶର ଭୋପାଳ ଯାଇଥିଲେ। ଅନୁଗୋଳ ଜିଲ୍ଲାରୁ ସେ ଏକମାତ୍ର ମାଷ୍ଟର ଟ୍ରେନର ଭାବେ ଭୋପାଳସ୍ଥିତ କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ଚଳିତ ମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେବାକୁ ଯାଇଥିଲେ। ସମଗ୍ର ରାଜ୍ୟରୁ ୫୦ଜଣ ପ୍ରଶିକ୍ଷଣ ନେବା ପାଇଁ ଭୋପାଳ ଯାଇଥିବା ଜଣାପଡିଛି। ଅନୁଗୋଳ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଲିଙ୍ଗରାଜ ପ୍ରଶିକ୍ଷଣ ପ୍ରଦାନ କରିବେ। ଆଜି ସେ ତାଲିମ ଗ୍ରହଣ କରି ଫେରିବା ପରେ କଣିହାଁ ବ୍ଲକ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ।

## ଭୋଟର ସଚେତନତା ଲାଗି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ

ଅନୁଗୋଳ, ୧୯ ।୩(ସମିସ): ସାଧାରଣ ନିର୍ବାଚନ -୨୦୨୪କୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲ୍ଲାରେ ଭୋଟ ଦାନର ପ୍ରତିଶତ ଅଧିକରୁ ଅଧିକ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ଏଥି ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ‘ସ୍ୱିପ’ (ଶିଷ୍ଟମେଟିକ ଭୋଟର୍ସ ଏଜୁକେସନ ଆଣ୍ଡ ଇଲେକ୍‌ଟୋରାଲ ପାର୍ଟିସିପେଶନ) ବୈଠକ ଜିଲ୍ଲାପାଳ ଅଦାଲ୍ ଏମ୍ ଅଖତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାରେ ଥିବା ଭୋଟରମାନଙ୍କୁ ମୁଖ୍ୟତଃ ଯୁବ, ମହିଳା ଓ ସହରାଞ୍ଚଳ ବାସିନ୍ଦାଙ୍କୁ ଭୋଟଦାନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥିର କରାଯାଇଛି। ଏଥି ନିମନ୍ତେ ଜିଲ୍ଲାରେ ଥିବା ମହାବିଦ୍ୟାଳୟ ଗୁଡିକରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଭୋଟର ମହତ୍ୱକୁ ନେଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା, ପଥ ଉତ୍ସବ ଆୟୋଜନ କରିବା, ଜିଲ୍ଲାରେ ଥିବା ମୁଖ୍ୟଛକ ସ୍ଥାନରେ ଲୋକ କଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା, ବସଷ୍ଟାଣ୍ଡ ଏବଂ ରେଲଷ୍ଟେସନ ଠାରେ ସେଲଫି ପଏଣ୍ଟ ସ୍ଥାପନ ଓ ଦସ୍ତଖତ ଅଭିଯାନ ଆୟୋଜନ କରିବା ଇତ୍ୟାଦିର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ସଚେତନତା ବାର୍ତ୍ତା ନେଇ ମାନବ ଶୃଙ୍ଖଳ ଓ ରାଲି ଆୟୋଜନ କରିବା ସହିତ ସମସ୍ତ ସରକାରୀ ଯାନଗୁଡିକରେ ଷ୍ଟିକରିଂ ମାଧ୍ୟମରେ ଭୋଟଦାନର ମହତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ



ଅତିରିକ୍ତ ଜିଲ୍ଲାପାଳ ଡଃ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁସ୍ମିତା ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଡେପୁଟି କେଲେକ୍ଟର(ନିର୍ବାଚନ) ମମତା ପ୍ରଧାନ ଓ ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ଆର୍‌ଆଇ କାର୍ଯ୍ୟାଳୟରେ ନାହିଁ ଆଲୋକ ଓ ପାଣି ବ୍ୟବସ୍ଥା

ତାଳଚେରସଦର, ୧୯ ।୩(ସମିସ): ହାଟତୋଟା ବିଦ୍ୟୁତ୍ କାର୍ଯ୍ୟାଳୟ ଠାରୁ ମାତ୍ର ଶହେ ମିଟର ଦୂରରେ ନୂତନଭାବେ ନିର୍ମାଣ କରାଯାଇଥିବା ତାଳବେଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରାୟ ୪ମାସ ହେବ କାର୍ଯ୍ୟକାରୀ ହୋଇଆସୁଛି। ମାତ୍ର ଏହି କାର୍ଯ୍ୟାଳୟକୁ ଏପର୍ଯ୍ୟନ୍ତ

**୪ ମାସ ହେଲା ପ୍ରଶାସନ ଚୁପ୍**




ବିଦ୍ୟୁତ୍ ସଂଯୋଗ ଓ ପାଣି ପାଇପ୍ ସଂଯୋଗର ବ୍ୟବସ୍ଥା କରାଯାଇ ନଥିବାରୁ ବିଭିନ୍ନ କାର୍ଯ୍ୟରେ ଉକ୍ତ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁନଶ୍ଚ କାର୍ଯ୍ୟରତ କର୍ମଚାରୀମାନେ ବିଦ୍ୟୁତ୍ ନଥିବାରୁ ଗୃହଗୁଡ଼ିକ ଅନ୍ଧାର ସହ ଅତ୍ୟଧିକ ଗରମରେ କର୍ମଚାରୀ ଛଟପଟ ହେଉଥିବା ଅଭିଯୋଗ ହେଉଛି। ଫଳରେ କାର୍ଯ୍ୟରେ ବାଧା ଉପୁଜୁଛି। ତେଣୁ ତୁରନ୍ତ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପାୱାର ଗ୍ରୀଡ୍‌ରେ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ




କଣିହାଁ, ୧୯ ।୩(ସମିସ): କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ନିକଟସ୍ଥ ପାୱାର ଗ୍ରୀଡରେ ଚତୁର୍ଥ ଲାଇନମେନ ଦିବସ ସହ ୫୩ ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପାୱାର ଗ୍ରୀଡର ମୁଖ୍ୟ ପ୍ରବନ୍ଧକ ତଥା ଉପକେନ୍ଦ୍ର ସୁରକ୍ଷା ଅଧିକାରୀ ଜୀ . ଥିନାକରନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଲାଇନମ୍ୟାନ ଓ ଫିଟରଙ୍କୁ ବିଦ୍ୟୁତ ସମ୍ବନ୍ଧୀୟ ବିପଦ ଏବଂ ଏହାର ସୁରକ୍ଷା ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ କାର୍ଯ୍ୟରେ ଉତ୍କର୍ଷତା ହାସଲ କରିଥିବା କର୍ମଚାରୀଙ୍କୁ ଉପମହାପ୍ରବନ୍ଧକ (ଉପକେନ୍ଦ୍ର ପ୍ରଭାରୀ) ଦେବଦତ୍ତ ପାଢୀ ସମ୍ବର୍ଦ୍ଧିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ୫୩ ତମ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ଶ୍ରୀ ପାଢୀ ଉପକେନ୍ଦ୍ରର ସମସ୍ତ କର୍ମଚାରୀ, ଶ୍ରମିକ ଓ ସୁରକ୍ଷା କର୍ମଚାରୀଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ଶପଥ ପାଠ କରାଇଥିଲେ। ପାୱାର ଗ୍ରୀଡ ପରିସରରେ ଏହାର କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ନେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଉପ ମହାପ୍ରବନ୍ଧକ ପୁରସ୍କାର ପ୍ରଦାନ କରିଥିଲେ। ପାୱାର ଗ୍ରୀଡର ସମସ୍ତ ଯନ୍ତ୍ରୀ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ତାଳଚେର ଜଗନ୍ନାଥ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

ତାଳଚେର ସଦର, ୧୯ ।୩(ସମିସ): ତାଳଚେର ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ଚଳିତ ଫାଲଗୁନ ମାସ ସପ୍ତମୀ ତିଥିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନୀତିକାନ୍ତି ଅନୁଯାୟୀ ଠାକୁରଙ୍କ ଧୂପଦୀପ, ନୈବେଦ୍ୟ କରାଯାଇ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସୂର୍ଯ୍ୟପୂଜା, ଗ୍ରହପୂଜା, ଗ୍ରହଶାନ୍ତି, ଦେବାଦେବୀ ଆହ୍ୱାନ ପରେ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞକାର୍ଯ୍ୟରେ ଶତାଧିକ ଶ୍ରଦ୍ଧାଳୁଙ୍କ ଜନସମାଗମ ଏବଂ ହୁଳହୁଳି, ହରିବୋଲ, ଘଣ୍ଟନାଦ ସଂକୀର୍ତ୍ତନ ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ତିନିଦିନ ବ୍ୟାପୀ ଏହି ଯଜ୍ଞରେ ଭକ୍ତମାନେ ଉପସ୍ଥିତ ରହି ଭଗବାନଙ୍କ ନାମ ଗାନ କରିଥିଲେ। ଏହାପରେ ନଗର କୀର୍ତ୍ତନ ମନ୍ଦିର ପ୍ରାଙ୍ଗଣରେ କରାଯିବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବରେ ମନ୍ଦିରର ଭକ୍ତବୃନ୍ଦ ଓ ଦର୍ଶନାର୍ଥୀମାନେ ଉପସ୍ଥିତ ଥିଲେ।

### ନାକିଚି ପଞ୍ଚାୟତରେ ମନରେଗା ଦୁର୍ନୀତି

# ଜେସିବିରେ ରାସ୍ତା ନିର୍ମାଣ; ତଦନ୍ତ କଲେ ଲୋକପାଳ

ବଇଣ୍ଡା, ୧୯ ।୩(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ନାକିଚି ପଞ୍ଚାୟତରେ ମନରେଗାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡିଛି। ଶ୍ରମିକମାନେ ଜବ୍ କାର୍ଡ ଧରି ବସିଥିବା ବେଳେ ସେମାନଙ୍କୁ କାମ ଦିଆ ନଯାଇ କିଛି ଜବ୍ କାର୍ଡ ପଞ୍ଚାୟତ କର୍ତ୍ତୃପକ୍ଷ ଠୁଳକରି ଜେସିବ ମେସିନ ମାଧ୍ୟମରେ ରାସ୍ତା ନିର୍ମାଣ କରିଛନ୍ତି। ବଡ଼ଡଙ୍ଗିଆଣୀ ଠାରୁ କଣ୍ଡାଳ ଟିଭି ସେଣ୍ଟର ପର୍ଯ୍ୟନ୍ତ ମନରେଗା ଯୋଜନାରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ରାସ୍ତାରେ ବ୍ୟାପକ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମାର୍ଚ୍ଚ ୧ ତାରିଖରେ ବଡ଼ଡଙ୍ଗିଆଣୀ ଗ୍ରାମର ଅବିନାଶ ପ୍ରଧାନ ଅନୁଗୋଳ ଲୋକପାଳଙ୍କ ଠାରେ ଅଭିଯୋଗ କରିଥିଲେ। ସେ ତାଙ୍କ ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ଯେ, ନାକିଚି ପଞ୍ଚାୟତରେ ମନରେଗା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଉଛି। ବିଶେଷ କରି ଏହି ପଞ୍ଚାୟତରେ ୨୯୧୨ ଜଣ ଜବ୍ କାର୍ଡଧାରୀ ଥିବା ବେଳେ ସେମାନଙ୍କୁ ସଠିକ ଭାବରେ କାମ ଯୋଗାଇ ଦିଆଯାଉନାହିଁ। ବିଶେଷ କରି କିଛି ପଞ୍ଚାୟତ କର୍ମଚାରୀ ଓ ଯୁବକମାନେ ବିଭିନ୍ନ ଶ୍ରମିକଙ୍କ ଜବ୍ କାର୍ଡ ସଂଗ୍ରହ କରି ପଞ୍ଚାୟତରେ ଅନିୟମିତତାରେ ମନରେଗା କାର୍ଯ୍ୟ କରୁଛନ୍ତି। ବିଶେଷ କରି ଜାନୁଆରୀ ୨୦୨୪ରେ ଏହି ପଞ୍ଚାୟତର ବଡ଼ ଡଙ୍ଗିଆଣୀ ଠାରୁ କଣ୍ଡାଳ ଟିଭି ସେଣ୍ଟର ପର୍ଯ୍ୟନ୍ତ ମନରେଗା ମାଧ୍ୟମରେ ଏକ ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଏହି ରାସ୍ତାରେ ଶ୍ରମିକ କାମ କରିବା ପରିବର୍ତ୍ତେ ଜେସିବି ମେସିନର ବ୍ୟବହାର କରାଯାଇଥିଲା। ତରବରିଆ ଦିନ ରାତି ୧୫ ଦିନ ମଧ୍ୟରେ ରାସ୍ତା ନିର୍ମାଣ କରାଯାଇଥିଲା। ୮ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଫଳକ ନିର୍ମାଣ କରାଗଲା ବେଳେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ମଧ୍ୟ ଉଲେଖ କରାଯାଇନାହିଁ। ୧୫ ଦିନ ମଧ୍ୟରେ ଜେସିବି ମେସିନରେ ରାସ୍ତା ନିର୍ମାଣ କରାଯାଇ ୮ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ କରାଯାଇ ଟଙ୍କା ହଡ଼ପ କରିବା ପାଇଁ ଯୋଜନା କରାଯାଇଥିବା ଅଭିଯୋଗ କରିଛନ୍ତି। ସେହିପରି ଅନେକ ଶ୍ରମିକଙ୍କୁ କିଛି ହାତଗୁଞ୍ଜା ଦେଇ ସେମାନଙ୍କ ଜବ୍ କାର୍ଡରେ କାମ କରାଯାଇଥିବା ଦର୍ଶାଇ ବିଲ୍ ଉଠାଣ କରାଯାଉଥିବା ଅଭିଯୋଗ କରାଯାଇଛି। ତୁରନ୍ତ ଘଟଣାକୁ ଭିଜିଲାନ୍ସ ମାଧ୍ୟମରେ ଲୋକପାଳ ତଦନ୍ତ କରିବା ପାଇଁ ସେ ଦାବି କରିଥିଲେ।



ତାଙ୍କ ଅଭିଯୋଗ ପରେ ମଙ୍ଗଳବାର ଅନୁଗୋଳ ଲୋକପାଳ ବିଭୁତି ଭୂଷଣ ପଟ୍ଟନାୟକ ଘଟଣାସ୍ଥଳକୁ ଆସି ନିର୍ମାଣ ହୋଇଥିବା ରାସ୍ତା ସମ୍ପର୍କରେ ତଦନ୍ତ କରିଛନ୍ତି। ଏହି ରାସ୍ତା ଜେସିବି ମେସିନରେ ହୋଇଥିବା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବା ସହ ବିଲ୍ ମଞ୍ଜୁର ନ କରିବା ପାଇଁ କୁହାଯିବ ବୋଲି ଅଞ୍ଚଳବାସୀଙ୍କୁ ଲୋକପାଳ କହିଥିଲେ। ଏହି ତଦନ୍ତ ସମୟରେ ସରପଞ୍ଚ ମନୋଜ ବାଘ, ୱାର୍ଡ ମେମ୍ବର ସଂଯୁକ୍ତା ପ୍ରଧାନ, ଅଭିଯୋଗକାରୀ ଅବିନାଶ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବଂଶୀଧର ସେଠୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ନାକିଚି ପଞ୍ଚାୟତରେ ମନରେଗା ଅନିୟମିତତା ସମ୍ପର୍କରେ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କୁ ପଚାରିବାରୁ ସେ କୌଣସି ମନ୍ତବ୍ୟ ଦେଇ ନଥିଲେ।

# ୨ ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ; ୩ ଗିରଫ

**ଛେଣ୍ଡିପଦା, ୧୯।୩(ସମିସ)**

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଫିଲ୍ମ ଷ୍ଟାଇଲରେ ଚୋରା କୋଇଲା ଚାଲାଣ ହେଉଥିବା ଖବର ପାଇଁ ସ୍ପେଶାଲ ସ୍କ୍ୱାଡ୍ ଏକ ମୋଟର ସାଇକେଲ ଓ ପିକଅପ ଗାଡ଼ିରୁ ୨ ଟନ୍ ଚୋରା କୋଇଲା ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ ଯେ, ଛେଣ୍ଡିପଦା ଥାନା ଅଞ୍ଚଳରେ ବେଆଇନ ଭାବେ ଚୋରା କୋଇଲା ଚାଲାଣ ହେଉଥିବା ଖବର ପାଇଁ ଅନୁଗୋଳ ସ୍ପେସିଆଲ ସ୍କ୍ୱାଡ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଏହି ଚଢ଼ଉ ବେଳେ ପୁଲିସକୁ ଦେଖି କିଛି କୋଇଲା ମାଫିଆ ଫେରାର ହୋଇଯାଉଥିବା ବେଳେ ଫିଲ୍ମ ଷ୍ଟାଇଲରେ ୧୦ କିମି ଗୋଡ଼ାଇବା ପରେ ଗାଡ଼ି ଛାଡି ଜଙ୍ଗଲ ଭିତରକୁ ପଳାଉଥିବା ବେଳେ କୋଶଳା ଜଙ୍ଗଲ ଭିତରେ ଦୌଡ଼ାଇ କାବୁ କରିଛି। ତାଳଚେର ଓ ଛେଣ୍ଡିପଦା ଥାନା ଅଞ୍ଚଳରେ ଥିବା କୋଇଲା ଖଣି ଗୁଡିକରୁ ମୋଟର ସାଇକଲ, ଟ୍ରକ ଆଦିରେ କୋଇଲା ଚୋରା ଚାଲାଣ ହେଉଛି। ଏହି ସବୁ ଚୋରା କୋଇଲା କୋଶଳା ଜଙ୍ଗଲ ରାସ୍ତା ଦେଇ ଯାଉଥିବା ଖବର ପାଇ ପୁଲିସର ସ୍ପେସିଆଲ ସ୍କ୍ୱାଡ୍ ଖବର ପାଇ ଛକି ରହିଥିଲେ। ତେବେ ପୁଲିସକୁ ଦେଖି ଏକ ଚୋରା କୋଇଲା ବୋଝେଇ ମୋଟର ସାଇକଲ ଓ ପିକଅପ ଭ୍ୟାନ୍ ଦ୍ରୁତ ଗତିରେ ପଳାଇଥିଲା। ପୁଲିସ ତାକୁ ପ୍ରାୟ ୧୦ କିମି ପିଛା କରିବା ପରେ ଫିଲ୍ମ ଷ୍ଟାଇଲରେ କୋଶଳା ଜଙ୍ଗଲ ନିକଟରେ ଅଟକିବାକୁ ସକ୍ଷମ ହୋଇଥିଲା। ହେଲେ କୋଇଲା ଚାଲାଣକାରୀମନେ ରାସ୍ତାରେ ଗାଡ଼ି ଛାଡି ଜଙ୍ଗଲ ଭିତରକୁ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗୋଡ଼ାଇ ଗୋଡ଼ାଇ ପୁଲିସ ଧରିଥିଲା। ଧରିବା ବେଳେ ଦୃଶ୍ୟ ଏମିତି ଥିଲା ଯେ, ରାସ୍ତାରେ ଯିବା ଆସିବା ଲୋକ ଅଟକି ରହି ଏ ଦୃଶ୍ୟ ଦେଖିଥିଲେ। ପୁଲିସ ଉକ୍ତ ପିକଅପ ଭ୍ୟାନ ଓ ମୋଟର ସାଇକଲରୁ ୨ଟନରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ କରିବା ସହିତ ବେଆଇନ ଚୋରା କୋଇଲା ଚାଲାଣ କରୁଥିବା ଅଭିଯୋଗରେ ପୁଲିସ ଛେଣ୍ଡିପଦା ଥାନା ବରପଦା ଗ୍ରାମର ଅନିଲ ଦେହୁରୀ, କୁମୁଣ୍ଡା ଗ୍ରାମର ରିଙ୍କୁ ସାହୁ ଓ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ସନ୍ତୋଷ କୁମାର ସାହୁଙ୍କୁ ଗିରଫ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରିବା ସହିତ ବୁଧବାର ୩ ଜଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପ୍ରକାଶ କରିଛି।



## ୨୮୨ ଜଣଙ୍କୁ ନିର୍ବାଚନ ସମ୍ବନ୍ଧୀୟ ତାଲିମ



କିଶୋରନଗର, ୧୯।୩(ସମିସ): କିଶୋରନଗର ଓ ଆଠମଲ୍ଲିକ ବ୍ଲକର ୨୮୨ ୦ ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କୁ ନେଇ ଆଗାମୀ ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ପିଡି ଡିଆରଡିଏ ହେମନ୍ତ କୁମାର ସିଂହ, ଆଠମଲ୍ଲିକ ତହସିଲଦାର ଶ୍ୟାମସୁନ୍ଦର ସାହୁ, ବିଡିଓ ସୌଭାଗ୍ୟ ବେହେରା, ଏନଏସି ଅଧିକାରୀ ଅବିନାଶ ମହାନ୍ତି, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ, ଏସଟିଓ ସନ୍ଦିପ୍ତ ସୁମନ ରାଉତ୍, ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉପସ୍ଥିତ ଶିବିରାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ।

## ବର୍ଷା ଆଣିଦେଲା ଆଶ୍ୱସ୍ତି

ତାଳଚେର ସଦର, ୧୯।୩(ସମିସ): କ୍ରମାଗତଭାବେ ତାଳଚେରରେ ଉତାପ ବୃଦ୍ଧି ପାଇବା ସହିତ ଲୋକାମାନେ ୧୦ଟା ପରେ ଘରୁ ପଦାକୁ ବାହାରି ପାରିବା ସମ୍ଭବ ହେଉ ନଥିଲା। ମାତ୍ର କାଳବୈଶାଖୀ ଜନିତ ଝଡ଼ ତୋଫାନ ସହିତ ରାତି ୧୨.୫୦ ମିନଟ୍ରେ ହଠାତ୍ ଜୋରରେ ପନବ ବୋହିବା ସହ ଅସାରାଏ ବର୍ଷା ହୋଇଥିଲା। ଗତକାଲି ମଧ୍ୟ ପାଗ କୋହଲା ରହିଥିଲା ବେଳେ ଆଜି ତୁହାକୁ ତୁହା ବର୍ଷା ଦେଖା ଦେଇଛି। ଫଳରେ ତାଳଚେର ଅଞ୍ଚଳରେ ବର୍ତ୍ତମାନ ଜଳବାୟୁ ଶୀଥିଳ ରହିଥିବା ଅନୁଭୂତ ହୋଇଛି। ଏଥିନେଇ ଅଞ୍ଚଳବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅଦିନିଆ ବର୍ଷା ଯୋଗୁଁ ପୂର୍ବରୁ ଗଛପତ୍ର ଗୁଡ଼ିକରେ ଲାଗି ରହିଥିବା କୋଇଲା ଗୁଣ୍ଡ ମିଶ୍ରିତ ଧୂଳି ବର୍ଷା ହେବା ଫଳରେ ଗଛର କଳାପାଣି ଘରଦ୍ୱାରା ହୋଇଯାଇଥିଲା ଏବଂ ଏହାକୁ ପରିଷ୍କାର ପରିଚ୍ଛନ୍ନ କରିବାକୁ ପରିବାର ଲୋକଙ୍କୁ ଅଣୟାଉ ହେବାକୁ ପଡ଼ିଥିଲା। ତେବେ ଏହି ଝଡ଼ ତୋଫାନରେ କୌଣସି କ୍ଷୟକ୍ଷତି ଘଟି ନଥିବା ଜଣାପଡ଼ିଛି। ମାତ୍ର ଝଡ଼ ପବନ ସମୟରେ ବିଦ୍ୟୁତ୍ ସରାବରାହ ବନ୍ଦ ରହିଥିଲା।

## ଟ୍ରକ୍ ପଛରେ ପିଟିହୋଇ ୨ ଯୁବକ ଗୁରୁତର

ଛେଣ୍ଡିପଦା, ୧୯।୩(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଦେଇ ଯାଇଥିବା ଛେଣ୍ଡିପଦା ବାଗଡ଼ିଆ ରାସ୍ତାର ଧର୍ମଶାଳା ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଟ୍ରକ୍ ପଛରେ ପିଟି ହୋଇ ୨ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ମାନେ ହେଲେ ବାଗଡ଼ିଆ ଥାନା ହର ପାଣିଗ୍ରାହୀ ଓ ସୌରଭ ରଞ୍ଜନ ପ୍ରଧାନ। ଘଟଣାରୁ ପ୍ରକଶ ବାଗଡ଼ିଆ ଗ୍ରାମର ସୌରଭ ଓ ହର ଏକ ମୋଟର ସାଇକେଲରେ ଛେଣ୍ଡିପଦା ଆଡୁ ବାଗଡିଆ ନିଜ ଘରକୁ ଫେରୁଥିବା ବେଳେ ହଠାତ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ସେହି ବର୍ଷାରେ ଘରକୁ ଫେରୁଥିବା ବେଳେ ଧର୍ମଶାଳା ନିକଟରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ବାଡେଇ ହୋଇଯାଇଥିଲେ। ଫଳରେ ୨ ମୋଟର ସାଇକଲ ଆରୋହୀ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଓ ବାଗଡ଼ିଆ ପୁଲିସ ଖବର ପାଇଁ ଗୁରୁତର ଆହତଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ୨ ମୋଟର ସାଇକଲ ଆରୋହୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଏନେଇ ବାଗଡ଼ିଆ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ପ୍ରେରଣା ସାଜିଲେ କୋମଳମତି ନାବାଳିକା

## ଖେଳକୁଦ ବୟସରେ ଜଙ୍ଗଲ ନିଆଁକୁ କଲେ ଆୟତ୍ତ





ପାଲଲହଡ଼ା, ୧୯।୩(ସମିସ): ଖେଳକୁଦ ବୟସରେ ଜଙ୍ଗଲୀ ନିଆଁକୁ ଆୟତ କରି ଶିକ୍ଷିତ ସମାଜ ତଥା ପ୍ରଶାସନକୁ ଏକ ନୂତନ ଶିକ୍ଷା ପ୍ରଦାନ କଲେ ପେଚାମୁଣ୍ଡି ହରିଜନ ସାହିର କିଛି କୋମଳମତି ଶିଶୁ। ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ଗ୍ରାମପଞ୍ଚାୟତ ଜୋକପାଣି ଜଙ୍ଗଲରେ ଗତ ତିନି ଚାରି ଦିନଧରି ନିଆଁ ଲାଗିଥିବା ବେଳେ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷାକରିବା ପାଇଁ କେହି ଆଗଭର ନଥିବା ବେଳେ ଆଗକୁ ଆଗେଇ ଆସିଛନ୍ତି ଗାଁର କୁନିକୁନି ଝିଅ ପିଲାମାନେ। ନିଜ ଗାଁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା ପାଇଁ ଗାଁର କୋମଳମତି ଝିଅମାନେ ବାଡ଼ିଧରି ନିଆଁକୁ ଆୟତ କରିଥିଲେ। ପେଚାମୁଣ୍ଡି ହରିଜନ ସାହିର ନନ୍ଦିନୀ ନାଏକ, ଜନନୀ ନାଏକ, ରାଣୀ ନାଏକ, ଲକ୍ଷ୍ମୀ ନାଏକ, ରିନା ନାଏକ, ଅଞ୍ଜଳି ନାଏକ ଏବଂ ରିମା ନାଏକ ରବିବାର ନିଜ ଗାଁ ପାଖ ଜଙ୍ଗଲ ଜଳୁଥିବା ଦେଖି ବାଡ଼ି ଏବଂ ଡାଳ ପତ୍ର ସାହାଯ୍ୟରେ ତଳେ ପଡିଥିବା ଶୁଖିଲା ପତ୍ରକୁ ନିଆଁ ପାଖରୁ ଅଲଗା କରି ନିଆଁକୁ ପିଟି ପିଟି ଲିଭାଇଥିଲେ। ନିଜର ଖେଳକୁଦ ବୟସରେ ପ୍ରକୃତିକୁ ରକ୍ଷା କରିବାର ମାନସିକତା ଓ ସାହସ ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ବୁଦ୍ଧିଜୀବୀ ତଥା ଗ୍ରାମବାସୀ ସେମାନଙ୍କ ସାହସିକତାକୁ ପ୍ରଶଂଶା କରୁଛନ୍ତି। ପେଚାମୁଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ରମେଶ ପ୍ରଧାନ ଖବର ପାଇ ଏହି କୋମଳମତି ଶିଶୁଙ୍କୁ ଭେଟିବା ସହିତ ତାଙ୍କ ସାହସିକତାକୁ ପ୍ରଶଂଶା କରି ସମ୍ମାନିତ କରିଥିଲେ। ଯେଉଁଠି ପ୍ରଶାସନଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଜଙ୍ଗଲ ନିଆଁକୁ ଅଣଦେଖା କରି ଚାଲିଯାଆନ୍ତି, ସେଠି ଏହି କୋମଳମତି ଶିଶୁଙ୍କ କାର୍ଯ୍ୟ ଏକ ନୂତନ ଦିଗଦର୍ଶନ ପ୍ରଦାନ କରୁଛି ଏବଂ ଏହି ଶିଶୁମାନେ ସମାଜକୁ ଏକ ନୂତନ ଶିକ୍ଷା ଦେଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ପାଲଲହଡ଼ା ବନାଞ୍ଚଳ ଅଧିକାରୀ ସୁଧାଂଶୁ ବେହେରାଙ୍କ ସହିତ ଯୋଗାଯୋଗ କରିବାରୁ ନାବାଳିକା ଶିଶୁମାନଙ୍କୁ ସାଧୁବାଦ ଜଣାଇବା ସହିତ ଆଗାମୀ ଦିନରେ ବିଭାଗ ପକ୍ଷରୁ ସେମାନଙ୍କୁ ଉତ୍ସାହିତ କରିବା ସହ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

### ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

## ସୁଚିତ୍ରା ବେହେରାଙ୍କୁ ସ୍ୱର୍ଣ୍ଣପଦକ



ତାଳଚେର, ୧୯ ।୩(ସମିସ): ଓଡ଼ିଶା ଅଲିମ୍ପିକ ଆସୋସିଏସନ ଦ୍ୱାରା ଚଳିତ ମାର୍ଚ୍ଚ ମାସ ୧୫ରୁ ୧୭ ତାରିଖ ଯାଏଁ ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ୩୦ତମ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ସୁଚିତ୍ରା ବେହେରା। ଏହି ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ପ୍ରାୟ ତିନି ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ତାଳଚେର କଂସମୁଣ୍ଡା ଗ୍ରାମର ସୁଚିତ୍ରା ବେହେରା ଭାଗ ନେଇଥିଲେ। ଶ୍ରୀମତୀ ବେହେରା ବରିଷ୍ଠ ମହିଳା ବର୍ଗ (୫୭କେଜି)ରେ ସ୍ୱର୍ଣ୍ଣପଦକ ହାସଲ କରି ସମଗ୍ର ଅନୁଗୋଳ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ଜଣେ ଗୃହିଣୀ ହୋଇ ଏପର୍ଯ୍ୟନ୍ତ ପହଞ୍ଚିବା ପାଇଁ ବହୁ ପରିଶ୍ରମ ଓ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଥିଲେ। ତାଙ୍କ ସ୍ୱାମୀ ଏମସିଏଲର ଭରତପୁର କୋଇଲା ଖଣିରେ କାର୍ଯ୍ୟରତ ଅଛନ୍ତି। ତାଳଚେରରେ ଏ ସୁବିଧା ନ ଥିବାରୁ ସେ ଦୈନିକ ୧୫ କିମି ଦୂରରେ ଅନୁଗୋଳର ଏକ ଘରୋଇ ଜିମ୍ ରେ ଅଭ୍ୟାସ କରୁଥିଲେ। ଆଗକୁ ସେ ଆନ୍ତର୍ଜାତିକ ସ୍ତରରେ ଖେଳିବା ପାଇଁ ଆଶା ରଖିଛନ୍ତି। ତାଙ୍କ ଅଞ୍ଚଳରେ ଭଲ ଜିମ୍ ନଥିବାରୁ ଆଗାମୀ ଦିନରେ ସେ ଏକ ଉନ୍ନତମାନର ଜିମ୍ ଖୋଲି ମହିଳାମାନଙ୍କୁ ପ୍ରଶିକ୍ଷଣ ଦେବାକୁ ସେ ମନସ୍ଥ କରିଛନ୍ତି। ଜଣେ ଗୃହିଣୀ ଭାବେ ମହିଳା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଭାଗ ନେଇ ସେ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଅଞ୍ଚଳବାସୀ ତାଙ୍କ ବାସଭବନକୁ ଆସି ଶୁଭେଚ୍ଛା ଜଣାଉଥିବା ଜଣାପଡିଛି। ତେବେ ଏଭଳି ସଫଳତା ହାସଲ ନିମନ୍ତେ ସେ ସ୍ୱାମୀଙ୍କ ସହଯୋଗ ରହିଥିବା ବେଳେ ଗୁରୁ ହିମାଂଶୁ ସାହୁଙ୍କ ତତ୍ତ୍ୱାବଧାନରେ ଆଗକୁ ଯାଇପାରିଥିବା ପ୍ରକାଶ କରିଛନ୍ତି।

## ତାଳଚେର ଜିଲ୍ଲା ଦାବିରେ ଗଣଧାରଣା ସ୍ଥଗିତ



ତାଳଚେର, ୧୯ ।୩(ସମିସ):ତାଳଚେରକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ଦାବିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଚାଲୁଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଗଣଧାରଣା ଆଜକୁ ୪୭୦ ଦିନରେ ପହଞ୍ଚିଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହାକୁ ସମ୍ମାନ ଜଣାଇ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ ଗଣଧାରଣା ସ୍ଥଗିତ ରଖାଯାଇ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଏହାର ନକଲ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, ଅନୁଗୋଳ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି ସ୍ଥଗିତ ପତ୍ର ପ୍ରଦାନ ବେଳେ ଚୈତନ୍ୟ ପ୍ରଧାନ, ପଦ୍ମଚରଣ ସାମଲ, କେଶବ ଭୂତିଆ, ଅଭୟ ପାଣି, ଶୋଭାଗିନୀ ଦେବୀ, ରଂଜିତ୍ କୁମାର ମହାପାତ୍ର, ଡିଲେଶ୍ୱର ବେହେରା, ପ୍ରଫୁଲ ନାଏକ, ବଳରାମ କୁଣ୍ଡ, ସଂଜୀବ ନାଏକ, ଉତ୍କଳ କେଶରୀ ସିଂ, ପଦ୍ମନାଭ ସାହୁ, ଗଗନ ବିହାରୀ ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ ମହାପାତ୍ର, ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବଚପନ୍ ପ୍ଲେ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଅନୁଗୋଳ, ୧୯ ।୩(ସମିସ): ଅନୁଗୋଳ ମିଶ୍ରପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲର ୨୦୨୩-୨୪ ଶିକ୍ଷା ବର୍ଷର ଅପର କେଜି ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଇଭାଲିନ ରଥ ପୌରୋହିତ୍ୟ କରି ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ସଲିମା ଦାମାନୀ ସଭାପତିତ୍ୱ କରିଥିବା ବେଳେ ଶିଶୁଙ୍କମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେମାନଙ୍କୁ ସମୂହ ଫଟୋଗ୍ରାଫ ସହ ପ୍ରମାଣ ପାତ୍ର ପ୍ରଦାନ କରିଥିଲେ। ଅନୁଷ୍ଠିତ ଉତ୍ସବରେ ଛାତ୍ର ଛାତ୍ରୀଙ୍କ ଅଭିଭାବକମାନେ ଯୋଗୋଦାନ କରି ଶିକ୍ଷାଦାନ ପ୍ରଣାଳୀ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶଂସା କରିବା କରିଥିଲେ। ଉପଦେଷ୍ଟା ସୀମରନ ବେଗମ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ କୁପରିଚାଳନା କରିଥିଲେ। ଶେଷରେ ନିଝାର ଅଲ୍ଲୀ ଦାମାନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ଅନୁଗୋଳ, ୧୯ ।୩(ସମିସ): ଛେଣ୍ଡିପଦା ବ୍ଲକ୍ ବାଗେଡ଼ିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ତଥା ସାମ୍ବାଦିକ ସର୍ବେଶ୍ୱର ସାହୁଙ୍କ ଧର୍ମପତ୍ନୀ ବିଜୟଲକ୍ଷ୍ମୀ ସାହୁ ( ମୁନି) ଗତ ୧୬ ତାରିଖ ଦିନ କିଡନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ୪୨ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ସେ ଜଣେ ଧର୍ମପରାୟଣା ଓ ମିଷ୍ଟଭାଷୀ ଭାବରେ ବେଶ୍ ପରିଚିତ ଥିଲେ। ସେ ଦୀର୍ଘଦିନ ଧରି ଅନୁଗୋଳରେ ବସବାସ କରୁଥିଲେ। ବାଗେଡ଼ିଆ ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ସ୍ୱସ୍ତିକ ଦେବ ସାହୁ ମୁଖାଗ୍ନି ଦେଇଥିଲେ।

# ନାଲ୍‌କୋ ନଗରରେ ଶ୍ରୀ ମଦନମୋହନଙ୍କ ପରିକ୍ରମା ଆରମ୍ଭ





**ଅନୁଗୋଳ, ୧୯।୩(ସମିସ)**

ନାଲକୋ ନଗର ଯାଦବ ସମାଜ ଆନୁକୂଲ୍ୟରେ ନାଲକୋ ଜଗନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କ ଦୋଳ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଜି ଫଗୁ ଦଶମୀରେ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କୁ ପୂଜା ଅର୍ଚ୍ଚନା କରି ସନ୍ଧ୍ୟା ଆଳତି ପରେ ଶ୍ରୀଶ୍ରୀ ରାଧାକୃଷ୍ଣ ବିମାନରେ ଆସି ସୁସଜ୍ଜିତ ବିମାନରେ ପୂଜାର୍ଚ୍ଚନା ତଥା ଫଗୁ ଲାଗି କରାଯାଇ ଯାଦବ ମହିଳା ମାନଙ୍କ ଦ୍ୱାରା ବନ୍ଧାପନା ସମ୍ପର୍ଣ୍ଣ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭାଗବତପୁର ଗଡସନ୍ଧି ଲାଉଡ଼ି ଦଳ ଓ ଲିଙ୍ଗିରାକଟା ଲାଉଡ଼ି ଦଳ ଅଂଶଗ୍ରହଣ କରି ଲଉଡ଼ି ଖେଳ ପରିବେଷଣ କରିଥଲେ। ମନ୍ଦିର ପ୍ରାଙ୍ଗଣରୁ ବିମାନରେ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କ ବିଗ୍ରହ ଧରି ନାଲକୋ କଲୋନୀ ପରିକ୍ରମା କରିଥିଲେ। ନାଲକୋ ନଗର ମାଉସୀ ମା’ଙ୍କ ମନ୍ଦିର ଠାରୁ ନାଲକୋ ମନ୍ଦିର ପର୍ଯ୍ୟନ୍ତ ଲଉଡ଼ି ଖେଳ ପ୍ରଦର୍ଶନ କରିଥିଲେ। ଯାଦବ ରମଣୀମାନେ ବନ୍ଦାପନା କରି ପାଛୋଟି ନେଇଥିଲେ। ମନ୍ଦିର ପରିସରରେ ଆୟୋଜିତ ଦୋଳ ଉତ୍ସବରେ ମନ୍ଦିର ପରିସରରେ ଯାଦବ ସମାଜର ସଭାପତି ଭରତ ଚନ୍ଦ୍ର ରାଉତ, ସମ୍ପାଦକ ପ୍ରକାଶ ବେହେରା ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅମୀୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ସହିତ ଜିଜିଏମ ଶୁଭେନ୍ଦୁ ନାୟକ, ନାଲକୋର ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଦଶରଥ କିଷାନ, ନଳିନୀ କାନ୍ତ ପଣ୍ଡା, ବନମାଳୀ ସେଠି ଅତିଥି ରୂପେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ଅନ୍ତର୍ଯ୍ୟାମୀ ସେନାପତି, ଗଗନ ସେନାପତି, କୃଷ୍ଣ ଚନ୍ଦ୍ର ଗଉଡ୍ଡୁ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, ବିଭୁତି ବେହେରା, ସୁଶାନ୍ତ ରାଉତ, ସୁଧୀର ପରିଡ଼ା, ନିର୍ମଳ ବାରିକ, ଗୁଣନିଧି ଆରୁକ, ଅରବିନ୍ଦ ବେହେରା, ସୁଶାନ୍ତ ପରିଡ଼ା, ସୁଶାନ୍ତ ସାହୁ, ପ୍ରହ୍ଲାଦ ବେହେରା, ସୁବୋଧ ଦାସ, ଅକ୍ଷୟ ଭୂତିଆ ସୁଶାନ୍ତ ବେହେରା, କିଶୋର ରାଉତ, ସତ୍ୟବାନ ବେହେରା ପ୍ରମୁଖ ଲଉଡି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ନାଲକୋ ନଗର ଯାଦବ ପରିବାର ତଥା ଆଖପାଖ ଆଞ୍ଚଳର ବହୁ ଭକ୍ତ ଯୋଗ ଦେଇଥିଲେ। ଆଜି ନାଲକୋ ନଗରରେ ଲଉଡ଼ି ଖେଳ କରି ଶ୍ରୀଶ୍ରୀ ରାଧାକୃଷ୍ଣ ବିମାନରେ ବସାଇ ଆଜି ଫଗୁ ଦଶମୀ ଠାରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ସୁସଜିତ ସମଗ୍ର ନାଲକୋ ଟାଉନସିପ ପର୍ଯ୍ୟାୟ କ୍ରମେ ପରିଭ୍ରମଣ କରିବେ ବୋଲି ଯାଦବ ସମାଜ ପକ୍ଷରୁ ନିଷ୍ପତି ହୋଇଛି। ଆସନ୍ତା ୨୬ ତାରିଖ ଦିନ ମନ୍ଦିର ପ୍ରାଙ୍ଗଣରେ ସକାଳ ୯ଘଟିକା ସମୟରେ ହୋଲି ଉତ୍ସବ ପାଳନ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜିଠାରୁ ଶ୍ରୀଶ୍ରୀ ରାଧାକୃଷ୍ଣଙ୍କର ବିମାନରେ ନାଲକୋ ନଗର କଲୋନୀ ପରିକ୍ରମା ଆରମ୍ଭ ହୋଇଛି। ମଙ୍ଗଳବାର ଠାରୁ ସୋମବାର ପର୍ଯ୍ୟନ୍ତ ୭ଦିନ ଧରି ଅନିଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସଭା ଶେଷରେ ଯାଦବ ସମାଜ ପକ୍ଷରୁ ରାତିରେ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



### ଜଳସମ୍ପଦ ବିଭାଗ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

# ନିର୍ମାଣାଧୀନ ବକ୍ସ କଲଭର୍ଟ କାମ ନିମ୍ନମାନର ଅଭିଯୋଗ

**ଜଗତସିଂହପୁର, ୧୯।୩:(ସମିସ)**

ଜଗତସିଂହପୁର ସହର ମଧ୍ୟରେ ନିର୍ମାଣାଧିନ ବକ୍ସକଲଭର୍ଟ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଜଳସମ୍ପଦ ବିଭାଗର ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଠିକାଦାରଙ୍କ ଦ୍ୱାରା କାରଯାଉଥିବା ଏହି ନିର୍ମାଣ କାମ ଆରମ୍ଭରୁ ନିମ୍ନ ମାନର ହେଉଥିବା ଦେଖିବାକୁ ମିଳିଛି। ମାଛ ତେଲରେ ମାଛ ଭାଜିବାପରି ଠିକାଦାର ଏଠାରୁ ବାହାରୁଥିବା ମାଟିକୁ ବିକ୍ରି କରୁଥିବା ସମୟରେ ରାସ୍ତା କଡରୁ ବାହାରୁଥିବା ପୁରୁଣା ପଥର ନିର୍ମାଣ କାମରେ ଲଗାଉଥିବା ଦେଖିବାକୁ ମିଳିଛି। କଲଭର୍ଟ ନିର୍ମାଣର ପ୍ରଥମ ପର୍ଯ୍ୟାୟରେ ଏହି ସଂଘାତିକ ତ୍ରୁଟି ଦେଖିବାକୁ ମିଳିଥିବାରୁ କଲଭର୍ଟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ଜଗତସିଂହପୁର ସହର ମଧ୍ୟ ଦେଇଯାଇଥିବା ୧୦ ନମ୍ବର କେନାଲ ଉପରେ ବିଭିନ୍ନ ପର୍ଯ୍ୟାୟରେ ବକ୍ସ କଲଭର୍ଟର ନିର୍ମାଣ ଚାଲିଛି। ସହର ବାସୀଙ୍କ ଜୀବନଧାରଣରେ ଉନ୍ନତି ତଥା ପାର୍କିଂ ସୁବିଧା ପାଇଁ ଏହି କଲଭର୍ଟ ନିର୍ମାଣ କରାଯାଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟୟରେ ୬ କୋଟି ଟଙ୍କା ବ୍ୟୟ ବରାଦରେ ଏହି କଲଭର୍ଟ ନିର୍ମାଣ କରାଯାଉଛି। ଏଲଆଇସି ଅଫିସ ନିକଟରୁ ଆଗକୁ ୪୦ରୁ ୫୦ ମିଟର ପର୍ଯ୍ୟନ୍ତ ଏହି ବକ୍ସ କଲର୍ଭଟ ନିର୍ମାଣ ହେବ ବୋଲି ଜଣାପଡ଼ିଛି। ତେବେ କାର୍ଯ୍ୟ ଆରମ୍ଭରୁ ସମସ୍ତ ନୀତି ନିୟମକୁ ଉଲଂଘନ କରାଯାଇ ବିନା ସୂଚନା ଦିଆଯାଇଥିବା ନେଇ ଅଭିଯୋଗ ହେଉଛି। ଏହା ଦ୍ୱାରା ବକ୍ସ କଲଭର୍ଟର ସର୍ବ ନିମ୍ନ ଢାଞ୍ଚା ଭବିଷ୍ୟତରେ ଦବିଯିବାର ସଂମ୍ଭାବନା ସୃଷ୍ଟି ହେବା ସହିତ ବକ୍ସ କଲଭର୍ଟ ମଧ୍ୟ ସମ୍ପୂର୍ଣ୍ଣର୍ ଭାଙ୍ଗିଯିବାର ସମ୍ଭାବନା ଦେଖାଦେଇଛି। କୋଟି କୋଟି ଟଙ୍କାର କାମରେ କାହିଁକି ଓ କାହା ସ୍ୱାର୍ଥରେ ପୁରୁଣା ପଥର ଓ କଂକ୍ରିଟ ଖଣ୍ଡର ବ୍ୟବହାର ହେଉଛି ଏହାକୁ ନେଇ ସହରବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍‌ଲପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ମାତ୍ର ୮ଶହ ମିଟର ଦୂରରେ ଚାଲିଥିବା ଏହି କାମର ସ୍ଥାୟିତ୍ୱ ପ୍ରତି ପ୍ରଶାସନ ଏକ ପ୍ରକାର ଆଖିବୁଜି ଦେଇଥିବା ନେଇ ଅଭିଯୋଗ ହେଉଛି।

> **ବ୍ୟବହାର ହେଉଛି ପୁରୁଣା ପଥର ଓ ସିମେଣ୍ଟ ଖଣ୍ଡ; ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ**



ଫଳରେ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ବକ୍ସ ସେତୁର କଂକ୍ରିଟ ନିର୍ମାଣ ପୂର୍ବରୁ ତଳଭାଗର ଚଟାଣରେ ପଥର ବିଛାଇବାକୁ ଥିବାରୁ ଠିକାଦାରଙ୍କ ଦ୍ୱାରା ରାସ୍ତାର ପାର୍ଶ୍ୱରୁ ତଡା ଯାଉଥିବା ପୁରୁଣା ପଥର ଉକ୍ତ ବକ୍ସ କଲଭର୍ଟ ଚଠାଣରେ ବିଛାଯାଇ ଏହାକୁ ବାଲି ଘୋଡାଇ ଦିଆଯାଉଛି। ସେହିପରି ପୁରୁଣା ବର୍ଜ୍ୟ କଂକ୍ରିଟ ଖଣ୍ଡଗୁଡିକୁ ମଧ୍ୟ ଏହି ଚଟାଣରେ ପୁରୁଣା ପଥର ସହିତ ଏପରିକି କାମ ଚାଲିଥିବା ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ଏହି ନିମ୍ନମାନର କାମକୁ ବିଭାଗୀୟ ସମର୍ଥନ ପ୍ରୋତ୍ସାହନ ମିଳୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ, କୌଣସି କାମ ନିମ୍ନମାନର ହେଉନାହିଁ ଓ ପୁରୁଣା ପଥର କାମରେ ଲଗାଇବା ପାଇଁ ଠିକାଦାରଙ୍କ ସହିତ ଚୁକ୍ତିନାମା ରହିଛି ବୋଲି ବିଭାଗ ପକ୍ଷରୁ ସ୍ୱଷ୍ଟୀକରଣରେ କୁହାଯାଇଛି।

## ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଜଗତସିଂହପୁର, ୧୯।୩(ସମିସ):** ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଆଲିପିଙ୍ଗଳ ପଞ୍ଚାୟତର ଏକାଧିକ ଲୋକମାନଙ୍କ ସମସ୍ୟା ଉପରେ ଦାବିପତ୍ର ପ୍ରଦାନ କରିଛି ଆଶୀର୍ବାଦ ସେବା ସଂଗଠନ। ଅଭିଯୋଗ ଅନୁସାରେ, ଆଲିପିଙ୍ଗଳ ଗ୍ରାମର ନିଲୁ ସାମଲଙ୍କ ପୁଅ ସୁଜିତ ସାମଲ ଆଜକୁ ପ୍ରାୟ ଦୁଇ ବର୍ଷ ପୂର୍ବେ କାଠ ଯୋଡ଼ି ନଦୀରେ ଗାଧୋଇବା ସମୟରେ ବୁଡ଼ି ଯାଇ ପ୍ରାଣ ହରାଇଥିଲା। ପରିବାରକୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସ୍ତରରେ ଆର୍ଥିକ ସହାୟତା ମିଳିପାରିନାହିଁ। ସେହିପରି ଆଲିପିଙ୍ଗଳ ପଞ୍ଚାୟତ ଚନ୍ଦ୍ରମଣି ପାଟଣା ଗ୍ରାମର ସଞ୍ଜୟ ରାଉତଙ୍କ ବାପା ଓ ମାଆ ଉଭୟ ପକ୍ଷାଘାତ ରୋଗରେ ପୀଡିତ ହୋଇ ଘର ବିଛଣାରେ ପଡ଼ି ଛଟ ପଟ ହେଉଛନ୍ତି। ସରକାରୀସ୍ତରରେ ସେମାନଙ୍କୁ କିଛି ଆର୍ଥିକ ସହାୟତା ପାଇଁ ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଉକ୍ତ ଗ୍ରାମର କବିତା ବେହେରା, ବିରେନ୍ଦ୍ର କାବୁ ଏବଂ ପ୍ରତିମା ସ୍ୱାଇଁ ଏହି ତିନି ଜଣ ଭଙ୍ଗା ଚାଳ ଛପର ଘରେ ବସବାସ କରୁଥିବାରୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବାକୁ ଦାବି କରାଯାଇଛି। ଅଞ୍ଚଳର ଏହି ସବୁ ସମସ୍ୟାକୁ ନେଇ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ




**ବାଲିକୁଦା, ୧୯।୩(ସମିସ):** ବାଲିକୁଦା ବ୍ଲକର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ଼ ଇତିରାଣୀ ସାମନ୍ତ, ମୁଖ୍ୟ ବକ୍ତା ଭାବେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ରାଜକିଶୋର ସାହୁ, ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଣ୍ଣଲତା ଦାସ, ଉପାଧ୍ୟକ୍ଷା ସୁଚିତ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ ଓ ପିତାମାତାଙ୍କ ସେବା ଓ ସମ୍ମାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅମୂଲ୍ୟ ମିଶ୍ର ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଆଡ଼ମିନ୍ଷ୍ଟ୍ରେଟ ମାନସ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।ଶିକ୍ଷୟିତ୍ରୀ ନିବେଦିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଅତିଥି ମାନେ ସିବିସି ପରୀକ୍ଷାରେ କୃତିତ୍ୱ ଅର୍ଜନ ଏବଂ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସ୍ୱର୍ଣ୍ଣଲତା ବୃତ୍ତି ପରୀକ୍ଷାରେ ଭଲ ପଦର୍ଶନ କରିଥିବା ଛାତ୍ର ଆଦିତ୍ୟ ପଟ୍ଟନାୟକ, ଛାତ୍ରୀ ପ୍ରତୀକ୍ଷା ପରିଡ଼ା, ଖୁସି ସାହୁଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ରାଜ୍ୟ ସ୍ତରରେ ଓଡିଶୀ ନୃତ୍ୟ ପରିବେଷଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଶୁଭଶ୍ରୀ ଶୁଭସ୍ମିତା ମହାପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବନ୍ଦିତା ନାୟକ, ଇତିଶ୍ରୀ ନାୟକ, ପ୍ରଜ୍ଞାପରମିତା ସ୍ୱାଇଁ, କନକ ପ୍ରସାଦ ବାରିକ, ବିରୂପାକ୍ଷ ଦାସ, ସୁବାସ ଚନ୍ଦ୍ର ସ୍ୱାଇଁ, ଶ୍ରୀ ନିବାସ ସେନାପତି ପ୍ରମୁଖ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଜେଡି ସଂଗଠକମାନଙ୍କ ପ୍ରସ୍ତୁତି ବୈଠକ




**କୁଜଙ୍ଗ, ୧୯।୩(ସମିସ):** ପାରାଦୀପ ବିଧାୟକ ଇଂ.ସମ୍ବିତ ରାଉତରାୟଙ୍କ ଆଗାମୀ ଜନ୍ମ ଦିନ ସହ ଏକ ବିଶେଷ କାର୍ଯ୍ୟକ୍ରମ ପାଇଁ ଆଜି କୁଜଙ୍ଗ ଠାରେ ଏକ ପ୍ରସ୍ତୁତି ବୈଠକ ଜୟନ୍ତୀ କମିଟି ସଭାନେତ୍ରୀ ତଥା କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। କୁଜଙ୍ଗ ବ୍ଲକ ବିଜୁ ଜନତା ଦଳର ସଭାପତି ନରେନ୍ଦ୍ର ପରିଡ଼ା, କାର୍ଯ୍ୟକାରୀ ସଭାପତି ତଥା ସାଂସଦ ପ୍ରତିନିଧି ନିରଞ୍ଜନ ପ୍ରଧାନ, ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବ ବିଜୁ ଜନତା ଦଳର ସଭାପତି ମାନଭଞ୍ଜନ ମଲ୍ଲ, ବ୍ଲକ ଯୁବ ସଭାପତି ଅରୁପ୍ରସାଦ ମହାନ୍ତି(ପିଣ୍ଟୁ), ନିର୍ବାଚନମଣ୍ଡଳୀ ବିଜୁ ଛାତ୍ର ଜନତା ଦଳର ସଭାପତି ବାପୁଜୀ ବେହେରା, ବ୍ଲକ ଛାତ୍ର ସଭାପତି ମହେଶ୍ୱର ଦାସ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଅରୁଣ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ବେହେରା, ଅବନ୍ତୀ ମାଝୀ, ପ୍ରଫୁଲ୍ଲ ପରିଡ଼ା, ଲେଶକନାଥ ଦାସ, ସୁରେନ୍ଦ୍ର କୁମାର ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ, ଧନେଶ୍ୱର ଦାସ, ପ୍ରଭାସ ଗୋଛାୟତ, କବିରଞ୍ଜନ ବେହେରା, ବିଚିତ୍ରାନନ୍ଦ ପ୍ରଧାନ, ବ୍ରଜ କିଶୋର ମହାରାଜ, ସତ୍ୟବାନ ମୁଦୁଲୀ, ସୁରେନ୍ଦ୍ରନାଥ ସ୍ୱାଇଁ, ଯୋଗେନ୍ଦ୍ରନାଥ ସ୍ୱାଇଁ, ରଘୁନାଥ ସାହୁ, ନିତ୍ୟାନନ୍ଦ ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ; ଜେଲ୍ ଗଲେ କର୍ମଚାରୀ

ରଘୁନାଥପୁର, ୧୯।୩(ସମିସ): ରଘୁନାଥପୁର ଅଞ୍ଚଳରେ ଅଷ୍ଟମଶ୍ରେଣୀ ଛାତ୍ରୀକୁ ସେହି ବିଦ୍ୟାଳୟର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜେଲ ଯିବାକୁ ପଡ଼ିଛି। ପ୍ରକାଶଥାଉକି, ରଘୁନାଥପୁର ଥାନା ଅଞ୍ଚଳର ଜୈନିକ ସ୍କୁଲରେ ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅସଦାଚରଣ କରିଥିଲେ। ଅଭିଯୋଗ ପାଇ ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଥାନାରେ ମାମଲା ରୁଜୁ କରି ପୋସ୍‌କୋ ଆକ୍ଟରେ କର୍ମଚାରୀଙ୍କୁ ଗିରଫ କରି ଜଗତସିଂହପୁର ସ୍ପେଶାଲ କୋର୍ଟରେ ହାଜର କରିଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଆଲିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି।

### ମିଶନ ଶକ୍ତି ଗୃହକୁ ବିଦ୍ୟୁତ୍ ସଂଯୋଗ ଦାବି

## ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା



**ରଘୁନାଥପୁର, ୧୯।୩(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜୟଶୋଳ ଗ୍ରାମପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମିଶନଶକ୍ତି ଗୃହକୁ ବିଦ୍ୟୁତ ସଂଯୋଗ ନହେବାରୁ ମହିଳା ସ୍ୱୟଂ ସହାୟକ ଦଳ ଏକତ୍ରିତ ହୋଇ ଜୟଶୋଳ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇ ଧାରଣା ଦେଇଛନ୍ତି। ପ୍ରକାଶଥାଉକି, ଦୀର୍ଘ ଦିନ ହେବ ଜୟଶୋଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମିଶନଶକ୍ତି ଗୃହ ରହିଛି। ଏହି ଗୃହକୁ ବିଦ୍ୟୁତ ସଂଯୋଗ ନହେବାରୁ ମହିଳାମାନେ କୌଣସି ବୈଠକ କରିପାରୁନାହାଁନ୍ତି। ଏହି ଘଟଣା ସମ୍ପର୍କରେ ରଘୁନାଥପୁର ବିଡିଓ ନମିତା ବାରିକଙ୍କୁ ଅବଗତ କରାଇଥିଲେ। ବିଦ୍ୟୁତ ସଂଯୋଗ ନହେବାରୁ ଆଜି ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଏହି ଘଟଣା ସମ୍ପର୍କରେ ବିଡିଓ ଜାଣିଲା ପରେ ଘଟଣାସ୍ଥଳକୁ ବିପିଏମ ଲିପିକା ଷଡଙ୍ଗୀ ଓ ବିପିସି ସ୍ନେହପ୍ରିୟା ସ୍ୱାଇଁ ଧାରଣା ସ୍ଥଳରେ ପହଞ୍ଚି ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜିଲ୍ଲା ଛଟେଇ କମ୍ପ୍ୟୁଟର ଶିକ୍ଷକ ସଂଘର ବୈଠକ



**ବିରିଡି, ୧୯।୩(ସମିସ):** ଜଗତସିଂହପୁର ଜିଲା ଛଟେଇ କମ୍ପ୍ୟୁଟର ଶିକ୍ଷକ ସଂଘ ପକ୍ଷରୁ ଗୋରେଖାନାଥଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ଚିନ୍ମୟ ଦାସ, ଜିତେନ୍ଦ୍ର ସ୍ୱାଇଁ, ସୁନାକର ସାସମଲ, ବ୍ୟୋମକେଶ ଓଝା, ଦୀପ୍ତିରଞ୍ଜନ ପଣ୍ଡାଙ୍କ ଆହ୍ୱାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସରକାର ୮୫୧୧ ଜଣ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିବାରୁ ୨୦୧୯ ମସିହାରୁ ଛଟେଇ ହୋଇଥିବା ସମସ୍ତ ୪୦୦୦ କମ୍ପ୍ୟୁଟର ଶିକ୍ଷକଙ୍କୁ ଅଗ୍ରାଧିକାର ଭିତିରେ ପୁନଃ ଅବସ୍ଥାପିତ କରିବାକୁ ସରକାରଙ୍କ ନିକଟରେ ଏହି ବୈଠକ ମାଧ୍ୟମରେ ଦାବୀ କରଯାଇଥିଲା। ଯଦି ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରାଯାଏ ତେବେ ସଂଘ ଆନ୍ଦୋଳନକୁ ଓଲ୍‌ହାଇବ ବୋଲି ଚେତାବନୀ ଦେଇଛନ୍ତି।

### ୨୧ତମ ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

## ନାଟକ 'ସ୍ୱାହା' ମନ ମୋହିଲା

**ପାରାଦୀପ, ୧୯।୩(ସମିସ):** ପାରାଦୀପର ଅଗ୍ରଣୀ ନାଟ୍ୟାନୁଷ୍ଠାନ କାନ୍‌ମାସ ପକ୍ଷରୁ ୨୧ତମ ଜାତୀୟନାଟକ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ। ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ କାନ୍‌ମାସ ସଭାପତି କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ର। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କାନ୍‌ମାସର ସମ୍ପାଦକ ଶ୍ରୀମନ ମିଶ୍ର।ଆଜି ଉଦଘାଟନୀ ସନ୍ଧ୍ୟାରେ ପରିବେଷିତ ହୋଇଥିଲା



ଲକ୍ଷ୍ନୌର ଦର୍ପଣ ଗ୍ରୁପ୍ ଦ୍ୱାରା ପରିବେଶିତ ତଥା ଶୁଭଦୀପ ରାହାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ସ୍ୱାହା'।ଉପସ୍ଥିତ ଦର୍ଶକମାନେ ନାଟକର ଶେଷ ପର୍ଯ୍ୟନ୍ତ ରହି ନାଟକକୁ ଭରପୁର ଉପଭୋଗ କରିଥିଲେ।ଏହି ନାଟକ ମହୋତ୍ସବ ଆଜି ୧୯ ତାରିଖଠାରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କାନ୍‌ମାସ ପାରାଦୀପ ପକ୍ଷରୁ ସୂଚନା ମିଳିଛି। ଏହି ମହୋତ୍ସବରେ ଓଡିଆ, ହିନ୍ଦୀ, କୋଶଲୀ, ସମ୍ବଲପୁରୀ ଓ ବେଙ୍ଗଲୀ ଭାଷାରେ ନାଟକ ପରିବେଶିତ ହେବ।ଏହା ସହିତ ଇଫକୋ ପାରାଦୀପ ୟୁନିଟ୍ ଓ ପାରାଦୀପ ରିଫାଇନାରୀରେ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ନାଟକ ପରିବେଶିତ ହେବ ବୋଲି କାନ୍‌ମାସ ପକ୍ଷରୁ ସୂଚନା ମିଳିଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା




**ବିରିଡ଼ି, ୧୯।୩(ସମିସ):** ବିରିଡ଼ି ବ୍ଲକ ନୂଆଡଣା କପିଳେଶ୍?ର ମହାଦେବ ଙ୍କମନ୍ଦିର ପ୍ରାଙ୍ଗଣରେ ସୋମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସମ୍ବଧୀୟ ଜନସଚେତନତା କର୍ଜ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନିସେବା ପ୍ରାଧିକରଣ ର ଜିଲ୍ଲା ସମ୍ପାଦିକା ସୁନନ୍ଦା ପାଢ଼ୀ, ଜିଲା ଆଇନ ସେବା ପ୍ରାଧିକରଣ ର ସଦସ୍ୟ ତଥା ଉପମୁଖ୍ୟ ଓ ପ୍ରତିପକ୍ଷ ଓକିଲ ଧୀରେନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ସମାଜରେ ବସବାସ କରୁଥିବା ହରିଜନ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଆଇନରେ ଥିବା ସ୍?ତନ୍ତ୍ର ପ୍ରବଧାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଏହାର ସୁଯୋଗ ନେବା ପାଇଁ ସଚେତନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିଏଲଭି ଅଭିମନ୍ୟୁ ରାଉତ ସହାୟତା କରିଥିଲେ। ସ୍ଥାନୀୟ ଅଞ୍ଚଳରୁ ୫୦ ରୁ ଉର୍ଦ୍ଧ ଜନସାଧାରଣ ଯୋଗଦେଇଥିଲ।

## ଷଣ୍ଢକୁଦ ବସ୍ତିବାସିନ୍ଦାଙ୍କୁ ସହାୟତା




**ପାରାଦୀପ, ୧୯।୩(ସମିସ):** ପାରାଦୀପ ପୌରାଞ୍ଚଳ ଅଧିନ ଷଣ୍ଢକୁଦ ବସ୍ତି ୩ ଟି ୱାର୍ଡର ବାସିନ୍ଦାଙ୍କୁ ସହାୟତା ପ୍ରଦାନ କରିଛି ଇଣ୍ଡିଆନ ଅଏଲ ଅଦାନୀ ଭେଞ୍ଚର ଲିମିଟେଡ଼। କିଛିଦିନ ପୂର୍ବରୁ ଉକ୍ତ କମ୍ପାନୀ ବସ୍ତିରେ ରହିଥିବା ଗରିବ ନିଷ୍ପେସିତ ୩୦୦ ଲୋକଙ୍କୁ ମାଗଣା ଚକ୍ଷୁ ପରୀକ୍ଷା କରିବା ସହିତ ସେମାନଙ୍କ ଚକ୍ଷୁ ଚିକିତ୍ସା ପାଇଁ ମାଗଣାରେ ମେଡ଼ିସିନ, ଚଷମା ଯୋଗାଇ ଦେଇଥିଲେ।ଏହା ସହିତ ବୟସ୍କ ବୃଦ୍ଧ, ବୃଦ୍ଧା ମାନଙ୍କ ଚକ୍ଷୁ ଅପରେସନ ର ସୁବିଧା କମ୍ପାନୀ ତରଫରୁ ମଧ୍ୟ ଯୋଗାଇ ଦିଆଯାଇଥିଲା। ପୁଣି ଆଜି କମ୍ପାନୀ କର୍ତ୍ତୃପକ୍ଷ ତିନିଗୋଟି ୱାର୍ଡରେ କିଛି ସୋଲାର ପ୍ୟାନେଲ ବଣ୍ଟନ କରିଛନ୍ତି।୧୭ ନମ୍ବର ୱାର୍ଡରେ ରହିଥିବା ସଭାଗୃହ ରେ ତିନିଗୋଟି ୱାର୍ଡର କାଉନସିଲର ମାନଙ୍କ ସହିତ ବସ୍ତିର ମୁରବି ଓ ଶତାଧିକ ବସ୍ତି ବାସିନ୍ଦା ଙ୍କ ଉପସ୍ଥିତିରେ ସୋଲାର ପ୍ୟାନେଲ ପ୍ରଦାନ କରିଛନ୍ତି କମ୍ପାନୀ ର ବରିଷ୍ଠ ଅଧିକାରୀ। ବସ୍ତି ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ଗୁଡିକ ପ୍ରତି କମ୍ପାନୀ ତରଫରୁ ସାହାଯ୍ୟ ସହଯୋଗ ର ହାତ ବଢ଼ାଇବା ସହିତ ଆଉ କିଛି ସୋଲାର ପ୍ୟାନେଲ ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ ତିନିଗୋଟି ୱାର୍ଡର କାଉନସିଲର ଓ ମୁରବି। ଏହି ପ୍ରସ୍ତାବ କୁ ସମର୍ଥନ କରିବା ସହିତ ଯଥାଶୀଘ୍ର ଏହି ପ୍ରସ୍ତାବ କୁ ମଞ୍ଜୁରୀ କରିବା ନେଇ କମ୍ପାନୀ ର ବରିଷ୍ଠ ଅଧିକାରୀ ମାନେ ପ୍ରକାଶ କରିଥିଲେ।ଏହା ସହିତ ବସ୍ତିର ଉନ୍ନତି ପାଇଁ କମ୍ପାନୀ ସର୍ବଦା କାର୍ଯ୍ୟ କରିବା ନେଇ ଉପସ୍ଥିତ ଅଦାନୀ ଭେଞ୍ଚର ଲିମିଟେଡ଼ ର ଅଧିକାରୀ ମାନେ ପ୍ରତିଶୃତି ଦେଇଛନ୍ତି।

## ଦୁର୍ଲଭା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ତିର୍ତ୍ତୋଲ, ୧୯।୩(ସମିସ):** ସାରସ୍ୱତ ଅନୁଷ୍ଠାନ ଦୁର୍ଲଭା ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ଉତ୍ସବ ପଣ୍ଡୁଆ ପଞ୍ଚାୟତ ଗୌଡସାହି ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଚି। ଏହି ଉପଲକ୍ଷେ ଝଙ୍କଡ ସାହିତ୍ୟ ସଂସଦର ସମ୍ପାଦକ ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମ୍ମେଳନରେ ମୁଖ୍ୟ ଅତିଥି ଅଧ୍ୟାପକ ଉମାକାନ୍ତ ନାୟକ ଯୋଗଦେଇ ମାତୃ ହୃଦୟର ମାର୍ମିକ ବେଦନାସିକ୍ତ କାହାଣୀକୁ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ତିର୍ତ୍ତୋଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ, ସମ୍ମାନିତ ଅତିଥି ପଣ୍ଡିତ ନାଗୁଚରଣ ଦେବତା, କବି ହେମନ୍ତ ନାୟକ, କବୟିତ୍ରୀ ମାନସୀପ୍ରଭା ସ୍ୱାଇଁ, ରାଜ୍ୟ ସଂଯୋଜକ ନଗେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ସମାଜ ଗଠନରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ବସନ୍ତ ମରୀ ଦାସ ଅତିଥି ପରିଚୟ ଓ ଅନୁଷ୍ଠାନର ସମ୍ପାଦକ ହିମାଂଶୁ ଭୂଷଣ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ କବୟିତ୍ରୀ ପ୍ରତିଭା ମିଶ୍ର ଓ ପଦ୍ମାବତୀ ମିଶ୍ରଙ୍କ ସଂଯୋଜନାରେ ୫୦ରୁ ଉର୍ଦ୍ଧ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ୫ଜଣ ପ୍ରତିଭାଧର ବ୍ୟକ୍ତି ବିଶେଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ, ଆଇନଜୀବୀ ପ୍ରଶାନ୍ତ କୁମାର ଦାସ, ଅବସରପ୍ରାପ୍ତ ଟେଲିକମ ଏସଡିଓ ବେଣୁଧର ବେହେରା, ମହିଳା ସଂଘଠିକା ସିଲା ନାୟକ ଓ କବୟିତ୍ରୀ ପ୍ରତିଭା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋତିରଞ୍ଜନ ପରିଜା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସସ୍ମିତା ସାହିତ୍ୟ ସଂସଦର ସମ୍ପାଦକ ଅଶୋକ ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ।

## ମୋ ସ୍ୱପ୍ନର ଓଡ଼ିଶା-୨୦୩୬ ପ୍ରବନ୍ଧ ପ୍ରତିଯୋଗିତା



**ତିର୍ତ୍ତୋଲ, ୧୯।୩(ସମିସ):** ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ପିନାକିଲ ଶିକ୍ଷାକେନ୍ଦ୍ର ପରିସରରେ ନୂଆଦିଲ୍ଲୀସ୍ଥିତ କଳିଙ୍ଗ ଭାରତୀ ଫାଉଣ୍ଡେସନ ତରଫରୁ ଜିଲା ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ଶିରୋନାମା ସମ୍ବଳିତ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ ଇଂ ଅକ୍ଷୟ କୁମାର ସାମଲଙ୍କ ମାର୍ଗଦର୍ଶନରେ ଓ ରାଜ୍ୟ ଓ ଜିଲାସ୍ତରୀୟ ଉପଦେଷ୍ଟା ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥି ଓ ସଂଯୋଜିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଝଙ୍କଡ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇ ପରିଚାଳନା କରିଥିବାବେଳେ ଅଧ୍ୟାପକ ଡ.ଅଶୋକ କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ରାଉତ, ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ କାଳନ୍ଦୀ ଚରଣ ଜେନା, ଉପାଧ୍ୟକ୍ଷା ସୁନନ୍ଦା କାଣ୍ଡା ପ୍ରମୁଖ ନିରୀକ୍ଷକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ଜିଲା ସଦର ମହକୁମାରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବ ବୋଲି ସଂଯୋଜିକା ଅଧ୍ୟାପିକା ଶ୍ରୀମତୀ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ।

■ ଅଙ୍ଗନବାଡ଼ି କେନ୍ଦ୍ରରେ ବିଦ୍ୟୁତ୍ ନାହିଁ

# ଗରମରେ ପିଲା ହେଉଛନ୍ତି ଛଟପଟ



**ଢେଙ୍କାନାଳ, ୧୯ ।୩ ( ସମିସ) :** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଅନ୍ତର୍ଗତ ବସୁଲେଇ ପଞ୍ଚାୟତ ନିମଡ଼ିହ ଅଙ୍ଗନବାଡ଼ି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନ ଥିବାରୁ କୋମଳମତୀ ଶିଶୁମାନେ ଏଠାରେ ଗରମ ଯୋଗୁ ଅତିଷ୍ଠ ହୋଇପଡୁଛନ୍ତି । ଏହି କେନ୍ଦ୍ରରେ କୁନି କୁନି ଶିଶୁମାନେ ପାଠ ପଢ଼ିବା ସହିତ ଖେଳକୁଦ କରିବାକୁ ଆସୁଥିବା ବେଳେ ବିଦ୍ୟୁତ ଓ ପାଣି ସୁବିଧା ନଥିବାରୁ ଶିଶୁମାନେ ନାହିଁ ନଥିବା ଅସୁବିଧାର ସମୁଖୀନ ହେଉଛନ୍ତି । ଅଙ୍ଗନବାଡ଼ି କେନ୍ଦ୍ରର ଘରେ ରଙ୍ଗ ଟିକେ ବି ଲଗାଯାଇନାହିଁ । ଚାଇଁପାଳ ଓ ସରାଙ୍ଗ ଡିଭିଜନ ଓ ଦୁମୋହାନି ଟିପିକଲ ପାଖରେ ଏହି ଗ୍ରାମଟି ଅବସ୍ଥିତ ଥିବାବେଳେ ବିଦ୍ୟୁତ୍ ସଂଯୋଗ ନାହିଁ । ବିଦ୍ୟୁତ ବିଭାଗ ଜେଇଙ୍କୁ ପଚାରିଲେ ଆଜି ହବ, କାଲି ହବ, ପୋଲ ନାହିଁ, ଆସିଯାଉ କରାଯିବ ବୋଲି ଉତ୍ତର ଦେଉଛନ୍ତି । ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବଳରାମଙ୍କ ମନ୍ଦିରରେ ଫଗୁ ଦଶମୀ ପାଳିତ

**ଢେଙ୍କାନାଳ, ୧୯ ।୩ ( ସମିସ) :** ସ୍ଥାନୀୟ କୈବଲ୍ୟ ବଜାର ସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପରିସରରେ ଫଗୁ ଦଶମୀ ନୀତି ପାଳିତ ହୋଇଯାଇଛି । ସନ୍ଧ୍ୟା ଆଳତି ପରେ ଫଗୁ, ଖଜା, ଚଣା, ପେଡ଼ା ଲାଗି କରାଯାଇଥିଲା । ଭିତର ଫଗୁ ଉତ୍ସବ ପାଳନ କରାଯାଇଥିଲା । ଆସନ୍ତା କାଲିଠାରୁ ବାହାର ଫଗୁ ଉତ୍ସବ ପାଳନ କରାଯିବ । ପୂଜକ ମନସୁମନ ମିଶ୍ର ପାଳିଆସେବକ ଶମ୍ଭୁନାଥ ମହାପାତ୍ର ପାଳିଆ, ସେବକ ବ୍ରଜମୋହନ ମହାପାତ୍ର ସୁଆର, ନିଳମଣୀ ଆଚାର୍ଯ୍ୟ କାହାଳିଆ, ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ଏହି ଫଗୁଦଶମୀ ପାଳନ କରାଯାଇଥିଲା ।

■ କାଳବୈଶାଖୀରେ ଭାଙ୍ଗିଲା ଆମ୍ବଗଛ

# ବେସାହାରା ହେଲେ ୨ ପରିବାର

**କାମାକ୍ଷାନଗର, ୧୯ ।୩ ( ସମିସ)**



କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତ ଅନ୍ତର୍ଗତ ଶାନ୍ତିନଗର ସାହିରେ ଗତକାଲି ବିଳମ୍ବିତ ରାତିରେ କାଳବୈଶାଖୀ ତାଣ୍ଡବରେ ୨ ପରିବାର ବେସାହରା ହୋଇପଡ଼ିଛନ୍ତି । ଏହି ଗାଁର କୀର୍ତ୍ତନ ଦେହୁରୀ(୫୮) ଓ ସୁଲତାନ ଦେହୁରୀ(୫୩) ଉଭୟଙ୍କ ଘର ପାଖରେ ପୁରାତନ ଆମ୍ବ ଗଛ ଥିଲା । କାଳବୈଶାଖୀ ପ୍ରଭାବରେ ଆମ୍ବ ଗଛଟି ଭାଙ୍ଗି ଘର ଉପରେ ପଡ଼ିବା ଦ୍ୱାରା ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଖବର ପାଇ କଙ୍କଡାହାଡ଼ ଅଗ୍ନିଶମ ବାହିନୀ କର୍ମଚାରୀ ଆସି ଘର ଉପରେ ପଡ଼ିଥିବା ଆମ୍ବ ଗଛକୁ ହଟାଇବା କାର୍ଯ୍ୟରେ ଲାଗିଥିଲେ । ଏହି ୨ ପରିବାର ଝାଟିମାଟି ଘରେ ଜୀବନ ବିତାଉଥିବା ବେଳେ ଆବାସ ଯୋଜନା ପାଲଟିଛି ଅପହଞ୍ଚ । କୀର୍ତ୍ତନ ଓ ସୁଲତାନ ଉଭୟ ଦିନ ମଜୁରିଆ ଶ୍ରେଣୀର ହେଇଥିବା ବେଳେ ଯେଉଁଦିନ କାମ ନମିଳେ ସେହିଦିନ ପରିବାର ଭୋକ ଉପାସରେ ରହୁଥିବା ବେଳେ ପକାଘର ନିର୍ମାଣ କରିବା ଏମାନଙ୍କ ପକ୍ଷେ ସମ୍ଭବପର ନୁହେଁ । କାମାକ୍ଷାନଗର ବ୍ଲକ ସଦର ମହକୁମାଠାରୁ ୫ କିମି ଦୂରରେ ଅବସ୍ଥିତ ଥିବା ବେଳେ ଏହି ପରିବାର ଉପରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ନପଡ଼ିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମିଶନ ଶକ୍ତି ତରଫରୁ ଛେଳି ଚାଷ ନିମନ୍ତେ କରାଯାଇଥିବା ଛେଳି ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ଖବର ପାଇ କଙ୍କଡ଼ାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଜିଲ୍ଲା ବିଜେପି ଯୁବ ସମ୍ପାଦକ ଦେବାଶିଷ ପଣ୍ଡା କ୍ଷତିଗ୍ରସ୍ତଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ବ୍ଲକ ପ୍ରଶାସନ ପାଖରେ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ କଙ୍କଡାହାଡ଼ ତହସିଲଦାର ସୌଦାମିନୀ ନାୟକ କହିଛନ୍ତି ଯେ, ଉଭୟ ପରିବାରକୁ କ୍ଷୟକ୍ଷତି ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ଦିଆଯିବା ପାଇଁ କହିଛନ୍ତି । କଙ୍କଡାହାଡ଼ ରାଜସ୍ୱ ନିରୀକ୍ଷକଙ୍କୁ ଏହାର ତଦନ୍ତ କରିବା ପାଇଁ ଶ୍ରୀମତୀ ନାୟକ ସୂଚନା ଦେଇଛନ୍ତି ।

## ଗଛପଡ଼ି ଘର ଭାଙ୍ଗିଲା



**ଢେଙ୍କାନାଳ, ୧୯ ।୩ ( ସମିସ) :** ଢେଙ୍କାନାଳ ସହର ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ସୋମବାର ରାତିରୁ କାଳବୈଶାଖୀ ପବନ ସହିତ ତୁହାକୁ ତୁହା ବର୍ଷା ଲାଗିରହିଛି । ବର୍ଷା ଓ ପବନ ଯୋଗୁ କେତେକ ସ୍ଥାନରେ ଗଛ ଭାଙ୍ଗିଥିବାର ଦେଖିବାକୁ ମିଳିଛି । ବର୍ଷା ପବନ ହେତୁ ଦେଉଳ ସାହିରେ ଥିବା ଏକ ବିରାଟ କାୟ ଗଛ ଭାଙ୍ଗି ଅଥାନୀ ବେହେରାଙ୍କ ଘର ଉପରେ ପଡ଼ିଥିଲା । ଏହି ଦୁର୍ଘଟଣାରେ ଅଥାନୀଙ୍କ ପରିବାର ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଗଛକୁ କାଟି ସଫା କରିଥିଲା ।

● ନାବାଳିକା ଛାତ୍ରୀଙ୍କୁ ହତ୍ୟା ଘଟଣା

# ଅଭିଯୁକ୍ତକୁ ଫାଶୀ ଦଣ୍ଡ ଦେବାକୁ ଦାବି



**ଢେଙ୍କାନାଳ, ୧୯ ।୩ ( ସମିସ) :** ସଦର ଥାନା ଅନ୍ତର୍ଗତ ମଜୁରୀ ଗ୍ରାମର ଜନୈକା ନାବାଳିକା ଛାତ୍ରୀଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତକୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ପାଇଁ ମଙ୍ଗଳପୁର ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ସଦର ଥାନା ମଙ୍ଗଳପୁର ମଜୁରୀ ଗ୍ରାମ ସଭାପତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଜଳଧର ସାହୁଙ୍କୁ ଝିଅ ଜସ୍ମିନ ସାହୁ(୧୬) ଢେଙ୍କାନାଳ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ବିଜ୍ଞାନ ବିଭାଗରେ ପାଠ ପଢୁଥିବା ବେଳେ ୨୯ ତାରିଖ ଦିନ ତାକୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଜସ୍ମିନଙ୍କୁ ହତ୍ୟା କରିଥିବା ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଗ୍ରାମବାସୀ ଶପଥ ନେଇଥିଲେ । ଗ୍ରାମର ମକରା ବେହେରାଙ୍କ ପୁଅ ବିଜୟ କୁମାର ବେହେରା ମଜୁରୀ ଛକରେ ସମସ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରଣାସ୍ତ୍ର ଧରି ବୁଲୁଥିବା ଦେଖିବାକୁ ମିଳିଛି । ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନମାଳୀପ୍ରସାଦ ଠାରୁ ମଜୁରୀ ଛକ ପର୍ଯ୍ୟନ୍ତ ପିସିଆନ ଭ୍ୟାନ୍ ଯାତାୟାତକରିବାକୁ ଦାବି କରାଯାଇଛି । ଅଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଯେପରି ସୃଷ୍ଟି ନହେବ, ସେଥିପାଇଁ ଗ୍ରାମବାସୀ ଲିଖିତ ଭାବରେ ଦାବି କରିଛନ୍ତି । ଏହା ସହିତ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

# ତାଲା ଭାଙ୍ଗି ସୁନା ଓ ୨ ଲକ୍ଷ ୨୭ ହଜାର ଲୁଟ୍

**କାମାକ୍ଷାନଗର, ୧୯ ।୩ ( ସମିସ) :** କାମାକ୍ଷାନଗର ଥାନା ଅନ୍ତର୍ଗତ ମହିମାନଗର ସାହିର ଗୋପିନାଥ ନାଏକଙ୍କ ବାସଘରେ କେହି ନଥିବାର ସୁଯୋଗ ନେଇ ଗତକାଲି ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ତାଙ୍କ ବାସଘରେ ପ୍ରବେଶ କରି ସୁନାଗହଣା ସହିତ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଗୋପିନାଥ ଓ ତାଙ୍କ ପରିବାର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କ ବାସ ଘରକୁ ପ୍ରବେଶ କରି ଘରର ତାଲା ଭାଙ୍ଗି ସୁନାଗହଣା ସହିତ ନଗଦ ୨ ଲକ୍ଷ ୨୭ ହଜାର ଟଙ୍କା ଲୁଟି ନେଇ ଥିବାର ଜଣାପଡ଼ିଛି । ସୂଚନା ଅନୁସାରେ ଗୋପିନାଥ ନାଏକ ଗତକାଲି ଘର ତାଲା ପକାଇ କଙ୍କଡାହାଡ଼ ଥାନା ତଣ୍ଡିମୁଣ୍ଡାରେ ଥିବା ବ୍ରଏଲର ଫାର୍ମକୁ ଯାଇ ସେଠାରେ ରହିଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ବାକ୍ସରେ ଥିବା ନଗଦ ୨ଲକ୍ଷ ୨୭ ହଜାର ଟଙ୍କା ସମେତ ୩ ଭରି ଅଳଙ୍କାର ଲୁଟି ନେଇଛନ୍ତି । ଗୋପିନାଥ ମଙ୍ଗଳବାର ସକାଳେ ତାଙ୍କ ବାସଘର ତାଲି ଭଙ୍ଗା ଯାଇଥିବାର ଦେଖି ଏ ସମ୍ପର୍କରେ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖବରପାଇ ଘଟଣା ସ୍ଥଳରେ କାମାକ୍ଷାନଗର ପୁଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପୁଲିସ୍ ଅପରାଧୀମାନଙ୍କର ଏପର୍ଯ୍ୟନ୍ତ କୌଣସି ସୁରାକ୍ ପାଇପାରିନାହିଁ ।





● ଖଡ଼ଗପ୍ରସାଦ ଗ୍ରାମରେ ଝାଡ଼ାବାନ୍ତି

# ୧୧ ଚିକିତ୍ସାଧୀନ, ୨୪ଘଣ୍ଟିଆ ଚିକିତ୍ସା ସେବା ଜାରି

**ଢେଙ୍କାନାଳ, ୧୯ ।୩ ( ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ପଞ୍ଚାୟତର ଖଡ଼ଗପ୍ରସାଦପାଟଣା ଗ୍ରାମରେ ଝାଡ଼ାବାନ୍ତି ପ୍ରକୋପରେ ୧୧ଜଣ ବ୍ୟକ୍ତିଙ୍କ ଚିକିତ୍ସା ଜାରି ରହିଛି । ରବିବାରଠାରୁ ଖଡ଼ଗପ୍ରସାଦ ପାଟଣା ଗ୍ରାମରେ ଦୂଷିତ ବ୍ରାହ୍ମଣୀ ନଦୀର ପାଣି ପଇ ଶତାଧିକ ବ୍ୟକ୍ତି ଆକ୍ରାନ୍ତ ହୋଇଥିଲେ । ଖବରପାଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ରାନ୍ତ ହୋଇଥିବା ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରିବା ସହିତ ଗୁରୁତର ବ୍ୟକ୍ତିଙ୍କୁ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମରେ ଏକ ଅସ୍ଥାୟୀ କ୍ୟାମ୍ପ୍ ଖୋଲାଯାଇ ଆକ୍ରାନ୍ତ ଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ସାଲାଇନ୍ ଦେଇଛନ୍ତି । ଗ୍ରାମର ଜଣେ ଗୁରୁତର ଆକ୍ରାନ୍ତ ବ୍ୟକ୍ତିକୁ କଟକ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ବେଳେ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ୫ଜଣ, ମେରାମଣ୍ଡଳୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬ଜଣ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସା ଜାରି ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡା. ଦିଲ୍ଲୀପ କୁମାର ବିଶ୍ୱାଳ, ଓଡ଼ାପଡ଼ା ବିଡିଓ ଦିଲ୍ଲୀପ କୁମାର ଷଡ଼ଙ୍ଗୀ, ଜ୍ୟୋତିଷ ମହାପାତ୍ର ପ୍ରମୁଖ ଗ୍ରାମରେ ପହଞ୍ଚି ଚିକିତ୍ସା ସେବା ଜାରି ରଖିଛନ୍ତି । ଖଡ଼ଗପ୍ରସାଦ ପାଟଣା ଗ୍ରମବାସୀ ବ୍ରାହ୍ମଣୀ ନଦୀର ଦୂଷିତ ଜଳକୁ ପମ୍ପ ଯୋଗେ ଆଣି ବ୍ୟବହାର କରୁଥିବା ଯୋଗୁ ଏହି ଝାଡ଼ାବାନ୍ତି ରୋଗ ମୁଖ୍ୟ କାରଣ ବୋଲି ଜଣାପଡ଼ିଛି । ଗତ କିଛିଦିନ ତଳେ ରେଙ୍ଗାଳୀ କେନାଲର ପାଣି ଏହି ବ୍ରାହ୍ମଣୀ ନଦୀରେ ଆସିବାରୁ ଗ୍ରାମବାସୀମାନେ ଏହି ଜଳକୁ ବ୍ୟବହାର କରି ବିଭିନ୍ନ ପେଟ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏହି ଖଡଗପ୍ରସାଦ ପାଟଣା ଗ୍ରାମର ୨ହଜାର ଜନସଂଖ୍ୟା ରହିଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆକ୍ରାନ୍ତ ହୋଇ ଆରୋଗ୍ୟ ହୋଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଦୂଷିତ ପାଣି ସହିତ ମଳର ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ଗ୍ରାମରେ ନଳକୂପ ରହିଥିବା ବେଳେ ସେହି ନଳକୂପରୁ ଭଲ ପାଣି ବାହାରୁ ନଥିବା ଯୋଗୁ ଗ୍ରାମବାସୀମାନେ ଅନ୍ୟ ଉପାୟ ନ ପାଇ ବ୍ରାହ୍ମଣୀ ନଦୀ ଜଳ ଉପରେ ନିର୍ଭର କରୁଛନ୍ତି । ବ୍ରାହ୍ମଣୀ ନଦୀ ନିକଟରେ ଥିବା କାରଖାନାଗୁଡିକ ବର୍ଯ୍ୟବସ୍ତୁ ଛାଡୁଥିବାରୁ ବ୍ରାହ୍ମଣୀ ନଦୀ ଦୂଷିତ ହେଉଥିବାର ଜଣାପଡ଼ିଛି । ରାପିଡ୍ ରେସପନ୍ସ ଟିମ୍, ଆଶା, ଅଙ୍ଗନବାଡ଼ି କର୍ମୀ, ଏ ଏନ୍ ଏମ୍ କର୍ମଚାରୀମାନେ ଗ୍ରାମରେ ନିୟୋଜିତ ଅଛନ୍ତି ।

# ପୂର୍ବତନ ନଗରପାଳଙ୍କ ବିୟୋଗରେ ଶୋକସଭା



**କାମାକ୍ଷାନଗର, , ୧୯ ।୩ ( ସମିସ) :** କାମାକ୍ଷାନଗର ଏନଏସିର ପୂର୍ବତନ ନଗରପାଳ ବ୍ରହ୍ମାନନ୍ଦ ମହାନ୍ତିଙ୍କ ୨ ଦିନ ପୂର୍ବେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସ୍ମୃତିରେ କାମାକ୍ଷାନଗର ଏନଏସି କାର୍ଯ୍ୟାଳୟ ଠାରେ ଆଜି ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ୧୯୯୨ ମସିହାରେ କାମାକ୍ଷାନଗର ଏନଏସିର ପ୍ରଥମ ନଗରପାଳ ଭାବେ ସ୍ୱର୍ଗତ ମହାନ୍ତି କରିଯାଇଥିବା ଉନ୍ନତିମୂଳକ କାର୍ଯ୍ୟ, ସହରର ରୂପରେଖ ପରିବର୍ତ୍ତନରେ ନିର୍ଣ୍ଣାୟକ ଭୂମିକା ଓ ତାଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷତା ଉପରେ ଆଲୋଚନା କରାଯାଇଥିଲା । କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋକସଭାରେ ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବିଭିନ୍ନ ୱାର୍ଡର କାଉନସିଲର, ଏନଏସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିବା ସହ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ ।



# ପାଣି ମିଳୁନି, ଶୋଭା ପାଉଛି ବସୁଧା ଟାଙ୍କି

**ଢେଙ୍କାନାଳ, ୧୯ ।୩ ( ସମିସ) :** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମରେ ପାନୀୟ ଜଳ ପାଇଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣ ହୋଇଛି ପାଣିଟାଙ୍କି, କିନ୍ତୁ ପାଣି ଟୋପାଏ ଏ ଯାଏଁ ମିଳୁ ନଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

ପରଜଙ୍ଗ ବ୍ଲକ ଗେଙ୍ଗୁଟିଆରେ ବସୁଧା ଯୋଜନାରେ ଗ୍ରାମବାସୀଙ୍କ ପାଣି ଯୋଗାଇବା ପାଇଁ ଟାଙ୍କି ନିର୍ମାଣ ହୋଇଛି । କିନ୍ତୁ ପାଣି ଯୋଗାଣ ହୋଇପାରୁନାହିଁ । ପ୍ରାୟ ୧୦ ହଜାର ଜନସାଧାରଣ ପିଇବା ପାଇଁ ପାଣି ଏବଂ ସ୍ନାନ ଶୌଚାଦି କାର୍ଯ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରା ଦିନ ଆସିଲେ ପଶୁପକ୍ଷୀଙ୍କ ଠାରୁ ଆରମ୍ଭ କରି ଗଛପତ୍ର ସହିତ ମନୁଷ ବି ପାଣି ଟୋପେ ପାଇଁ ହନ୍ତସନ୍ତ ହେଉଛନ୍ତି । ସରକାରଙ୍କ ପ୍ରତ୍ୟେକ ଯୋଜନା ଏଠାରେ ପହଞ୍ଚିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଯୋଜନା ଏଠାରେ ବିଫଳ ହୋଇଛି । ବସୁଧାର ପାଣି ଟାଙ୍କି ଅଛି, ପାଣି କେବେ ଯୋଗାଣ ହେବ ତାହାର ଖବର କାହା ନିକଟରେ ନାହିଁ । ପରଜଙ୍ଗର ଗେଙ୍ଗୁଟିଆ ଗ୍ରାମରେ ପାନୀୟ ଜଳ ସୁବିଧା କରା ନଗଲେ ଗ୍ରାମବାସୀ ରାଜରାସ୍ତା ଅବରୋଧ ସହିତ ଭୋଟ ବର୍ଜନ କରିବା ପାଇଁ ଚେତାବନୀ ଦେଇଛନ୍ତି ।

# ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର



**ଢେଙ୍କାନାଳ, ୧୯ ।୩ ( ସମିସ) :** ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସଭାବନା ସଭାଗୃହରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଇଯାଇଛି । ଏଥିରେ ମୁଖ୍ୟତଃ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଯୋଗ ଦେଇଥିଲେ । ନିର୍ବାଚନ ସମୟରେ ଅର୍ଥ କାରବାର ଦ୍ୱାରା ଜନମତକୁ ପ୍ରଭାବିତ କରାଯାଏ, ତେଣୁ ଏହି କାରବାରର ମୂଳ ଉତ୍ସ ବ୍ୟାଙ୍କ ହେଇଥିବାରୁ ସେମାନେ ଅଧିକ ମାତ୍ରର ଅର୍ଥ କାରବାର ଉପରେ ନଜର ରଖିବାକୁ ଜିଲ୍ଲାପାଳ ବ୍ୟାଙ୍କର ଅଧିକାରୀମାନଙ୍କୁ କହିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପତ ମଡକର, ବନଖଣ୍ଡ ଅଧିକାରୀ ସୁମିତ କର, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ବ୍ୟାଙ୍କ ଅଧିକାରୀଗଣ ଯୋଗଦେଇଥିଲେ ।

## କାଳବୈଶାଖୀ: ଭାଙ୍ଗିଲା ଟେଣ୍ଟ, ବିଦ୍ୟୁତ୍ ସେବା ବନ୍ଦ



ମାର୍ଶାଘାଇ, ୧୯।୩(ସମିସ): କାଳବୈଶାଖୀ ପ୍ରଭାବରେ ମାର୍ଶାଘାଇ ଅଞ୍ଚଳରେ ବର୍ଷା ପବନ ଲାଗି ରହିଛି। ସୋମବାର ରାତି ପ୍ରାୟ ୩ଟା ସମୟରେ ଜୋରରେ ପବନ ବହିବା ସହିତ ଘଡଘଡି ଓ ବର୍ଷା ହୋଇଥିଲା। ପବନ ମାଡ଼ରେ ଅଙ୍ଗୁଳାଇ ଛକ ନିକଟରେ ଜିଲ୍ଲାପରିଷଦ ସଦସ୍ୟଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଟେଣ୍ଟ ଉଡେଇ ଭାଙ୍ଗି ଯାଇଛି। ଟେଣ୍ଟ ଭାଙ୍ଗିଯାଇ କେନ୍ଦ୍ରାପଡ଼ା ମାର୍ଶାଘାଇ ମୁଖ୍ୟ ରାସ୍ତାକୁ ଅର୍ଦ୍ଧାଧିକ ଅବରୋଧ କରି ପଡ଼ି ରହିଥିଲା। ସକାଳୁ କର୍ମଚାରୀମାନେ ପହଞ୍ଚି ଭାଙ୍ଗି ଯାଇଥିବା ଟେଣ୍ଟର ବାଉଁଶ, କପଡ଼ା, ପାଲକୁ ଖୋଲି ରାସ୍ତାକୁ ପରିଷ୍କାର କରିଥିଲେ। ଘଡଘଡି ଏବଂ ବର୍ଷା ଯୋଗୁଁ ରାତିରୁ ବିଦ୍ୟୁତ ଯୋଗାଣ ୮/୧୦ ଘଣ୍ଟା ପର୍ଯ୍ୟନ୍ତ ବ୍ୟାହତ ହୋଇଥିଲା।

# ବାହାକୁଦ ଫେରିଘାଟ ନିଲାମ ନେବାକୁ ବିଡର ଅମଙ୍ଗ

ମହାକାଳପଡ଼ା, ୧୯।୩(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଧିକ ରାଜସ୍ୱରେ ନିଲାମ ହେଉଥିବା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ବାହାକୁଦ ଫେରିଘାଟର ନିଲାମ ନେବାପାଇଁ ବିଡର ଅମଙ୍ଗ ହେଉଥିବା ଦେଖିବାକୁ ମିଳିଛି। ସୋମବାର ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ପାଇଁ ନିଲାମ କରାଯିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ପ୍ରଶାସନ

**● ନିଲାମଧାରୀ ନ ମିଳିବାରୁ ଫେରିଗଲା ପ୍ରଶାସନ**

ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ରାମନଗର ପଞ୍ଚାୟତରେ ମହାକାଳପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ପଣ୍ଡା, ରାମନଗର ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଭୁରଞ୍ଜନ ସାହୁ, ସରପଞ୍ଚ ମିଳନ ଦେବନାଥ, ବ୍ଲକ କର୍ମଚାରୀ ଚିତ୍ତ ରଞ୍ଜନ ସାହୁ ପ୍ରମୁଖ



ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ପୁଲିସ ମୁତୟନ ମଧ୍ୟ କରାଯାଇଥିଲା। ଦୀର୍ଘ ସମୟଧରି ପ୍ରଶାସନ ଅପେକ୍ଷା କରିଥିଲେ ବି କେହି ନିଲାମଧାରୀ ଭାଗ ନେଇ ନ ଥିଲେ। ଗତ ବର୍ଷ ୩ ଜଣ ବିଡର ନିଲାମରେ ଭାଗ ନେଇଥିବା ବେଳେ ସୋମବାର ସମସ୍ତେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉପସ୍ଥିତ ଥିଲେ ବି କେହି ଅମାନତ ରାଶି ଜମା କରି ନ ଥିଲେ। ଫଳରେ ପ୍ରଶାସନ ନିରାଶ ହୋଇ ଫେରି ଯାଇଥିଲେ। ବାହାକୁଦରୁ ପାରାଦ୍ୱୀପ ମୂଷାଡିଆକୁ ସଂଯୋଗ କରୁଥିବା ମହାନଦୀର ଏହି ଫେରିଘାଟ ଗତବର୍ଷ ୬୧ ଲକ୍ଷ ୬୪ହଜାର ୯୦୦ଟଙ୍କାରେ ନିଲାମ ଯାଇଥିଲା। ଏହି ଘାଟ ଦେଇ ଯନ୍ତ୍ର ଚାଳିତ ଡଙ୍ଗାରେ ଦୈନିକ ଶହ ଶହ ଲୋକ ପାରାଦ୍ୱୀପକୁ ଯାଇଥାନ୍ତି। ତେଣୁ ଅଧିକ ରାଜସ୍ୱ ମିଳିବ ବୋଲି ଆଶା କରି ଗତ ବର୍ଷ ଅଧିକ ରାଜସ୍ୱରେ ନିଲାମ ଯାଇଥିଲା। ଚଳିତ ବର୍ଷ ପାଇଁ ଆଉ ଶତକଡା ୧୦ଭାଗ ବୃଦ୍ଧି କରାଯାଇ ନିଲାମ ରାଶି ୬୭ଲକ୍ଷ ୮୧ ହଜାର କୁ ମୂଳ ରାଶି ଭାବେ ଧାର୍ଯ୍ୟ କରାଯାଇଥିଲା। ନିଲାମଧାରୀଙ୍କ ଭିତରେ ପ୍ରତିଯୋଗିତା ଯୋଗୁଁ ଗତ ବର୍ଷ ରେକର୍ଡ ପରିମାଣରେ ନିଲାମ ହୋଇଥିଲେ ବି ସେହି ଅନୁସାରେ ରାଜସ୍ୱ ନ ମିଳି ପାରିବାରୁ ଗତବର୍ଷର ନିଲାମଧାରୀ ଅମୀୟ ସ୍ୱାଇଁ କ୍ଷତିଗ୍ରସ୍ତ ହୋଇଥିବାରୁ ଚଳିତ ବର୍ଷ ନିଲାମରେ ଭାଗ ନେଇ ନ ଥିବା କୁହାଯାଉଥିବା ବେଳେ ତାଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅନ୍ୟ ନିଲାମଧାରୀ ମଧ୍ୟ କ୍ଷତିର ଆଶଙ୍କା କରି ଭାଗ ନେଲେ ନାହିଁ। ତେବେ ଜିଲ୍ଲାରେ ସର୍ବାଧିକ ରାଜସ୍ୱ ଦେଉଥିବା ଏହି ଫେରିଘାଟ ର ନିଲାମ ପାଇଁ ପ୍ରଶାସନ କି ପଦକ୍ଷେପ ନେଉଛି ତାହାକୁ ଜନସାଧାରଣ ଉତ୍ସୁକତାର ସହିତ ଅପେକ୍ଷା କରିଛନ୍ତି।

### ■ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

## କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ର ପ୍ରଥମ



କେନ୍ଦ୍ରାପଡ଼ା, ୧୯।୩(ସମିସ): ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରତିଯୋଗୀତାରେ କେନ୍ଦ୍ରାପଡ଼ାସ୍ଥିତ ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଏନ୍.କେ. କୁନାଲ୍ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ମହିଳା ଓ ଶିଶୁବିକାଶ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଶିଶୁକଲ୍ୟାଣ ପରିଷଦର ମିଳିତ ସହଯୋଗରେ ହୋଟେଲ ନିୟୁ ମାରିୟନରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ରାଜ୍ୟ ଶିଶୁସୁରକ୍ଷା ଆୟୋଗର ପୂର୍ବତନ ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର, ମେମ୍ବର ସେକ୍ରେଟାରୀ ଓ.ଏସ୍.ସି.ସି. ଡବ୍ଲ କ୍ୟୁମାର ସୁଲତାନା ବେଗମ୍, ଆଇ.ସି.ଡି.ଏସ୍. ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା, ମହିଳା ଓ ଶିଶୁ ସୁରକ୍ଷା ଆୟୋଗର ଉପଦେଷ୍ଟା ସୁମିତ୍ରା ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଚିତ୍ରଶିଳ୍ପୀ ଭାବେ ଏନ୍.କେ. କୁନାଲ୍‌ଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗୀତାରେ ଓଡ଼ିଶାର ୩୦ଟି ଜିଲ୍ଲାର ଛାତ୍ରଛାତ୍ରୀଙ୍କର ଅଙ୍କିତ ଚିତ୍ରକୁ ବି.କେ. ଆର୍ଟ କଲେଜର ଅଧ୍ୟାପକମାନଙ୍କ ଦ୍ୱାରା ଚୟନ କରାଯାଇଥିଲା। ପୂର୍ବରୁ ସେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗୀତାରେ ଭାଗନେଇ ବହୁବାର କୃତିତ୍ୱ ଅର୍ଜନ କରିଛନ୍ତି। କେନ୍ଦ୍ରାପଡ଼ା ମୀରପାଟଣାଠାରେ ଅବସ୍ଥିତ ଅରୋ ଚିତ୍ରକଳା ବିଦ୍ୟାଳୟରେ ଚିତ୍ରଗୁରୁ ଅଜୟ ପଣ୍ଡା ଓ ଶୁଭମ ମହାରଣାଙ୍କଠାରୁ ଚିତ୍ରଶିକ୍ଷା ଲାଭ କରୁଛନ୍ତି। କେନ୍ଦ୍ରାପଡ଼ା ସହର ନିକଟସ୍ଥ ଗରଜଙ୍ଗାର କାଳନ୍ଦି ମଲ୍ଲିକ ଓ ନଳିନୀ ମଲ୍ଲିକଙ୍କ ସୁପୁତ୍ର ଅଟନ୍ତି।

# ଡକାୟତି ଯୋଜନା ପଣ୍ଡ; ୪ ଗିରଫ

ପାରାଦୀପ, ୧୯।୩(ସମିସ): ଏକ ୪ଜଣିଆ ଡକାୟତି ଗ୍ୟାଙ୍ଗକୁ କାବୁ କରିଛି ଲକ୍‌ଥାନା ପୁଲିସ। ସେମାନଙ୍କ ନିକଟରୁ ଭୂଜାଲି, ଖଣ୍ଡା, ଲୁହା ରଡ଼, ମୋବାଇଲ ଓ ୩ ଟ୍ରକ ବ୍ୟାଟେରିକୁ ଜବତ କରିଛି। ଗିରଫ ୪ ଜଣ ହେଲେ ପିପଳର ବୁଦ୍ଧ ଚନ୍ଦନ ସେଠୀ

**ଭୂଜାଲି, ଖଣ୍ଡା, ଲୁହାରଡ଼, ମୋବାଇଲ ଓ ୩ ଟ୍ରକ ବ୍ୟାଟେରି ଜବତ**

(୩୭), ନିମିଡ଼ିର ଲୋକନାଥ ରାଉତ (୨୫), ନିମିଡ଼ିର ଜଗୁ ଓରଫ ଜଗନ୍ ସେନାପତି (୧୯) ଓ ପିପଳର ଲିପୁ ଓରଫ ଲିପୁନ୍ କୁମାର ସେଠୀ (୩୧) ।ଥାନାରେ ମାମଲା ରୁଜୁ ହେବା ସହ ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଲକ୍ ଏଫଏସ୍‌ର ଶ୍ରୀକାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ନିହାରୁନି ଠାକୁର ନିକଟସ୍ଥ




ଚାନ୍ଦନୀ ଜଙ୍ଗଲରେ ଚଢଉ କରାଯାଇଥିଲା। ସେଠାରୁ ୪ଜଣ ଦୁର୍ବୃତ୍ତଙ୍କୁ କାବୁ କରିଥିଲା ପୁଲିସ। ସେମାନଙ୍କ ନିକଟରୁ ମାରଣାସ୍ତ୍ର ମଧ୍ୟ ଜବତ କରିଥିଲେ। ଗିରଫ ୪ ଅସାମାଜିକ ଯୁବକଙ୍କର ଅପରାଧିକ ରେକର୍ଡ ରହିଛି ଏବଂ ସେମାନେ ଅନେକ ମାମଲାରେ ଜଡିତ ଅଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଲକ୍ ଥାନାଅଧିକାରୀ କୁଳମଣି ସେଠୀ ସୂଚନା ଦେଇଛନ୍ତି।

## ବାସନ୍ତୀକ ଦୁର୍ଗାପୂଜା ନିମନ୍ତେ ମାଟି ଉଠାଣ

ଡେରାବିଶ, ୧୯।୩(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇସ୍ଥିତ ନାଲୁବାବା ଆଶ୍ରମ ପରିସରରେ ଅନୁଷ୍ଠିତ ହେବାକୁ ଥିବା ବାସନ୍ତୀକ ଦୁର୍ଗାପୂଜା ନିମନ୍ତେ ଶୁଭ ମାଟି ଉଠାଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଜି ଏହି ଉପଲକ୍ଷେ ମଠ ପରିସରୁ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ପଞ୍ଚାୟତ ପଡ଼ିଆରେ ପୂଜାର୍ଚ୍ଚନା କରାଯାଇ ଶୁଭ ମାଟି ସଂଗ୍ରହ କରାଯାଇଥିଲା। ପରେ ଘଣ୍ଟ, ସଂକୀର୍ତନ ଓ ଶୋଭାଯାତ୍ରା ମଧ୍ୟରେ ପୂଜା ମଣ୍ଡପକୁ ଅଣାଯାଇଥିଲା ଏବଂ ବିଧି ମୁତାବକ ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରାଯାଇଥିଲା। ଆସନ୍ତା ମାସ ୧୩ ତାରିଖ ଠାରୁ ଏହି ପୂଜା ୭ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏନେଇ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ କରାଯାଇଥିବା ମୁଖ୍ୟ ପୁରୋଧା କୃପାସିନ୍ଧୁ ନାଥ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ମାଧବାନନ୍ଦ ଦାଶ, ଶୈଳେନ୍ଦ୍ର ମହନ୍ତ, ସତ୍ୟାନନ୍ଦ ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ହୃଦ୍‌ଘାତରେ ସମାଜସେବୀଙ୍କ ମୃତ୍ୟୁ

ପଞ୍ଚୁପାଣ୍ଡବ, ୧୯।୩(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ଗ୍ରାମର ଅଚ୍ୟୁତାନନ୍ଦ ମଲିକ (୭୪)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ଅଚ୍ୟୁତାନନ୍ଦ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ। ତାଙ୍କର ଘରେ ଆଜି ଭାଗବତ ପଠନ ଚାଲିଥିବା ବେଳେ ସକାଳୁ ସକାଳୁ ସେ ବଜାରକୁ ଯାଇ ଫେରି ଘରେ ପହଞ୍ଚିବା ପରେ ଟଳି ପଡ଼ିଥିଲେ। ସେଠାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ହିମାଂଶୁ ମୁଖାଗ୍ନି ଦେଇଥିଲେ।

## ପ୍ରତିମା ହେଲେ ଜିଲ୍ଲା ବିଜୁ ମହିଳା ଜନତା ଦଳ ସମ୍ପାଦିକା



ବିରିଡି, ୧୯।୩(ସମିସ): ବିରିଡି ବ୍ଲକ ଚାଶିଖଣ୍ଡ ଗ୍ରାମର ବିଜୁ ଜନତା ଦଳର ସକ୍ରିୟ ମହିଳା ନେତ୍ରୀ ପ୍ରତିମା କୁମାରୀ ମହାରଣାଙ୍କୁ ଜଗତ୍‌ସିଂହପୁର ଜିଲ୍ଲା ବିଜୁ ମହିଳା ଜନତା ଦଳର ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତି ସମ୍ପର୍କରେ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଗତକାଲି ଘୋଷଣା କରିଥିଲେ। ଶ୍ରୀମତୀ ମହାରଣାଙ୍କୁ ଏହି ନିଯୁକ୍ତି ମିଳିଥିବାରୁ ସେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ରାଜ୍ୟ ନେତୃମଣ୍ଡଳୀ, ଜିଲ୍ଲା ନେତୃମଣ୍ଡଳୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଶ୍ରୀମତୀ ମହାରଣା ଓ ତାଙ୍କ ସ୍ୱାମୀ ମନୋରଞ୍ଜନ ଓଝା ଦୀର୍ଘଦିନ ହେବ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଲୋକଙ୍କ ଦସ୍ତଖତ ଥିବା ପୋଷ୍ଟକାର୍ଡକୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବା ସହ ଅନ୍ୟପଟେ ଜିଲ୍ଲା ଅଙ୍ଗଦାନ ଅଭିଯାନର ସଂଯୋଜିକା ଭାବେ କାର୍ଯ୍ୟ କରି ଆସୁଛନ୍ତି।

**ପାରାଦୀପ ମହାବିଦ୍ୟାଳୟ**

## ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପାରାଦୀପ, ୧୯।୩(ସମିସ): ପାରାଦୀପ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ଓ ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଦ୍ୱାରା ଆୟୋଜିତ ତ୍ରି-ଦିବସୀୟ ଆନ୍ତ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଚଳିତ ମାସ ୧୫ ତାରିଖଠାରୁ ଆରମ୍ଭ ହୋଇ ୧୭ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ବନ୍ଦର ଅଥରିଟିର ମୁଖ୍ୟ ଅର୍ଥପରାମର୍ଶଦାତା ଡି. ଏନ୍. ସୋନ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ବିତରଣ କରିଥିଲେ। ଜଗତସିଂହପୁର ଜିଲ୍ଲାର ଜାତୀୟସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ବିଜୟିନୀ ପଢ଼ିଆରୀ ସମ୍ମାନିତ ଅତିଥି ଭାବେ



ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରକୁ ଉଚ୍ଚ ପ୍ରଶଂସା କରିଥିଲେ। ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ପୌରହିତ କରିଥିଲେ ଓ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପାରାଦୀପ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ସଂଘମିତ୍ରା ପ୍ରଧାନ ବିବରିଣୀ ପାଠ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରର ସଫଳତା ପାଇଁ ପାରାଦୀପ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

**ତୁଳସୀକ୍ଷେତ୍ର ପରିକ୍ରମା ଓ ବଳଦେବ ଜ୍ୟୋତିଯାତ୍ରା**

## ଶୁଭାରମ୍ଭ ପାଇଁ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ସଂକଳ୍ପ

କେନ୍ଦ୍ରାପଡ଼ା, ୧୯।୩(ସମିସ): ପୁରାଣ ଓ ଇତିହାସ ପ୍ରସିଦ୍ଧ ଶ୍ରୀ ଶ୍ରୀ ସିଦ୍ଧବଳଦେବଜୀଉ ମହାପ୍ରଭୁଙ୍କ ଅଲୌକିକ ମହିମାର ପ୍ରଚାର ପ୍ରସାର ପାଇଁ ପ୍ରଥମ ଥର ତୁଳସୀ କ୍ଷେତ୍ର ପରିକ୍ରମା ଓ ବଳଦେବ ଜ୍ୟୋତି ଯାତ୍ରା ଉତ୍ସବ ପାଳନ ପାଇଁ ଦିବ୍ୟ ଜୀବନ ସଂଘ କେନ୍ଦ୍ରାପଡ଼ାର ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଶ୍ରୀ ସିଦ୍ଧବଳଦେବ ଜୀଉଙ୍କ ମନ୍ଦିରରୁ ଏହି ପରିକ୍ରମା ଆରମ୍ଭ ହୋଇ ସମଗ୍ର ଜିଲ୍ଲାର ୯ଟି ବ୍ଲକରେ ପ୍ରତିଷ୍ଠିତ ଲୀଳାକ୍ଷେତ୍ର ପରିଭ୍ରମଣ କରିବା ପାଇଁ ଏକ ନକ୍ସା ପ୍ରସ୍ତୁତ ପୂର୍ବକ ଏକ ନିବେଦନ ପତ୍ର ଲେଖା ଯାଇଥିଲା। ଡ. ବାସୁଦେବ ଦାସ, ପ୍ରଫେସର ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ପ୍ରଫେସର ଡ. ଭଗବାନ ପତ୍ରୀ, ପ୍ରାଧ୍ୟାପକ ପ୍ରଭାତ ରଞ୍ଜନ ଲେଙ୍କା, ପ୍ରକୃତି ବନ୍ଧୁ ଗାୟକ ଗଗନ ବିହାରୀ ସିଂହ, ଗାୟତ୍ରୀ ମହାନ୍ତି, ସ୍ନେହଲତା



ପ୍ରଧାନ, ଶରତ କୁମାର ରାଉତ, ଦିବ୍ୟଜୀବନ ସଙ୍ଘର ଉପାଧ୍ୟକ୍ଷ ଡ. କାଳୀପ୍ରସନ୍ନ ଶତପଥୀ, ବଳଦେବ ସେନାର ସଭାପତି ପପୁନ୍ କୁମାର ସ୍ୱାଇଁ, ରଜନୀକାନ୍ତ ଦାସ, ନିରଞ୍ଜନ ମେକାପ, ପ୍ରଭାସ ଦାସ, ସ୍ୱପ୍ନାଂଶୁ ଦାସ, ରୀତାଞ୍ଜଳି ନାଥ, ଶ୍ରୀଧର ମହାନ୍ତି, କ୍ଷୀରୋଦ ନାଥ, ଦେବେନ୍ଦ୍ର ସାମନ୍ତ, ସନ୍ତୋଷ କୁମାର ପଣ୍ଡା, ମନୋରଞ୍ଜନ ତ୍ରିପାଠୀ, ଦିବ୍ୟଜୀବନ ସଙ୍ଘର ସମ୍ପାଦକ ଅଧ୍ୟାପକ ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ବ୍ରହ୍ମଚାରୀ ନୃସିଂହ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଥଳ ସମୁଦ୍ରରେ ବନ କର୍ମଚାରୀ-ଜଳଦସ୍ୟୁ ମୁହାଁମୁହିଁ

ରାଜନଗର, ୧୯।୩(ସମିସ)

ଗହୀରମଥା ନିଷିଦ୍ଧାଞ୍ଚଳରେ ଅଲିଭରିଡଲେ କଇଁଛ ମାନଙ୍କ ସୁରକ୍ଷା ପାଇଁ ରାଜନଗର ବନବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯାଉଛି। ବନବିଭାଗ ଅଧିନରେ ଥିବା ଗହୀରମଥା ସାମୁଦ୍ରିକ ରେଞ୍ଜ କାର୍ଯ୍ୟାଳୟରେ କାର୍ଯ୍ୟରତ ବନପାଳ ମଦନ ହାଁସଦା ଓ ବନ କର୍ମଚାରୀ ମାନଙ୍କୁ ନେଇ ଅଥଳ ସମୁଦ୍ରରେ ପାଟ୍ରୋଲିଂ କରୁଥିବା ସମୟରେ ସେଠାରେ ଶକ୍ତିଶାଳୀ ଟ୍ରଲରରେ ବେଆଇନ ଭାବେ ମାଛ ମାରୁଥିବା ଜଳଦୁସ୍ୟୁମାନେ ହଠାତ୍ ଚାରିପଟୁ ଘେରି ବନବିଭାଗ ବୋଟ ଉପରେ ଆକ୍ରମଣ କରିଥିଲେ। ବନପାଳ ହାଁସଦାଙ୍କର ଉପସ୍ଥିତ ବୁଦ୍ଧି ବଳରେ ସେମାନେ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ ବନପାଳ ରାଜନଗର ଡିଏଫଓଙ୍କ ସମେତ ବରିଷ୍ଠ କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରୁ



**ଉପସ୍ଥିତ ବୁଦ୍ଧି ଯୋଗୁ ଜୀବନ ନେଇ ଫେରିଲେ ବନକର୍ମଚାରୀ**

ଗହୀରମଥାରୁ ବନଅଧିକାରୀ ଅସ୍ତ୍ର ଶସ୍ତ୍ର ସହ ସେଠାରେ ପହଞ୍ଚି ଜୀବନ ସହ ଲଢୁଥିବା ବନକର୍ମଚାରୀଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏ ସମ୍ପର୍କରେ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବଙ୍କ କହିବା କଥା ହେଲା ଅଲିଭରିଡଲେ କଇଁଛ ଆମର ଅତିଥି ସଦୃଶ୍ୟ। ସେମାନଙ୍କୁ ଆମ ହିନ୍ଦୁ ସଂସ୍କୃତିରେ ଈଶ୍ୱରଙ୍କ ଦ୍ୱିତୀୟ ଅବତାର ବୋଲି କୁହାଯାଇଥାଏ। ସେମାନଙ୍କ ସୁରକ୍ଷା କରିବା ଆମର ମୌଳିକ କର୍ତ୍ତବ୍ୟ। ବେଳେବେଳେ ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ଚଳାଇ ମାଛ ଧରୁଥିବା ବେଳେ ଆମ ବନକର୍ମଚାରୀମାନେ ସେମାନଙ୍କୁ କାବୁ କରି ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁସାରେ ଗିରଫ କରି କୋର୍ଟ ଚାଲାଣ କରିଥାଉ। ଚଳିତବର୍ଷ ସର୍ବାଧିକ ଟ୍ରଲର ଓ ସମ୍ପୃଜୀବୀଙ୍କୁ ଗିରଫ କରାଗଲାଣି। ତଥାପି ଜଳଦସ୍ୟୁମାନେ ଆଇନକୁ ବେଖାତିର କରି ସେମାନଙ୍କ ଆତଙ୍କ ଭିଆଉଛନ୍ତି ବୋଲି କହିଛନ୍ତି। ସବୁବର୍ଷ ଭଳି କଇଁଛ ମାନଙ୍କ ସୁରକ୍ଷା ପାଇଁ ଭୁବନେଶ୍ୱରରେ ଉଚ୍ଚସ୍ତରୀୟ ବୈଠକ ବସେ। ସେଥିରେ କଇଁଛଙ୍କ ସୁରକ୍ଷା ବିଷୟରେ ମାନସ ମନ୍ଥନ ହୁଏ, ହେଲେ ସୁରକ୍ଷା ଦାୟିତ୍ୱ ଯାହାଙ୍କ ହାତରେ ନ୍ୟସ୍ତ କରାଯାଇଥାଏ, ସେମାନଙ୍କ ମଧ୍ୟରେ ତଟରକ୍ଷୀ ବାହିନୀ, ମତ୍ସ୍ୟବିଭାଗ, ପୁଲିସ ବିଭାଗ ସାମିଲ ହୋଇବି ଜଳଦସ୍ୟୁଙ୍କୁ ମୁକାବିଲାରେ ବିଫଳ ହେବା ଘଟଣା ସେମାନଙ୍କ ଦାୟିତ୍ୱ ପ୍ରତି ବଡ ପ୍ରଶ୍ନ ଉଠିଛି।

## ଗାଦିବ୍ରହ୍ମ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ବାଲିକୁଦା ଚାମ୍ପିଅନ୍

ବାଲିକୁଦା, ୧୯।୩(ସମିସ): ବାଲିକୁଦା ବ୍ଲକ ଗାଦିବ୍ରହ୍ମ କ୍ରିକେଟ କ୍ଲବ କଣିଆ ଆନୁକୂଲ୍ୟରେ ୨ଦିନ ଧରି ଚାଲିଥିବା ୧୬ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମା' ଥାନାପତି କ୍ରିକେଟ କ୍ଲବ ବାଲିକୁଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ମଧ୍ୟରେ ୬ ଉଇକେଟ ହରାଇ ୮୧ ରନ ସଂଗ୍ରହ କରିଥିଲା। ଜବାବରେ ଅଳାଭର କ୍ରିକେଟ କ୍ଲବ ୧୦ ଓଭର ମଧ୍ୟରେ ତାର ସମସ୍ତ ଉଇକେଟ ହରାଇ ୪୮ ରନ କରି ପରାସ୍ତ ହୋଇଥିଲା। ଫଳରେ ବାଲିକୁଦା ଚଳିତବର୍ଷ ଚାମ୍ପିଆନ ହୋଇଛି। ମ୍ୟାନ ଅଫ ଦି ମ୍ୟାଚ ତାପସ କୁମାର ବିବେଚିତ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ମଣିକାନ୍ତ ଦାସ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଦାୟିତ୍ୱ ବିକନ କୁମାର ଚାନ୍ଦ ଓ ମଣ୍ଟୁ ନାଥ ନିର୍ବାହ କରିଥିବା




ବେଳେ ସ୍କୋରିଂରେ ଦୀପକ ସ୍ୱାଇଁ ଓ ରାଜେଶ ସ୍ୱାଇଁ ସହଯୋଗ କରିଥିଲେ। ମ୍ୟାଚର ଧାରାବିବରଣୀ ପବିତ୍ର ନାୟକ ଓ ତାପସ ରାଉତ ପ୍ରଦାନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ଡ଼ ସୁଶାନ୍ତ କୁମାର କାନୁନଗୋ ଓ ଅନ୍ୟତମ ଅତିଥି ଭାବେ ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ସମାଜସେବୀ ବିଭୁତି ଭୂଷଣ ସ୍ୱାଇଁ ଯୋଗ ଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ କ୍ଲବର ସଦସ୍ୟ ଚିନ୍ମୟ ପାତ୍ର, ସୌଭାଗ୍ୟ ରଞ୍ଜନ ଦାସ, ରଶ୍ମି ରଞ୍ଜନ ମହାନ୍ତି, ବିକାଶ ସ୍ୱାଇଁ, ରାଜକିଶୋର ନାୟକ, ରାକେଶ ସ୍ୱାଇଁ, ଅନିଲ ନାୟକ, ଶିବ ପ୍ରସାଦ ପ୍ରଧାନ, ସନ୍ତୋଷ ସାହୁ, ତୋଫାନ ସେଠୀ, ପ୍ରଦୀପ୍ତ ରାଉତଙ୍କ ସମେତ ସମସ୍ତ ସଦସ୍ୟ ସହାୟତା କରିଥିଲେ।

